# କନିକା ପ୍ରଜା ଆନ୍ଦୋଳନର ମହାନାୟକ ଥିଲେ ଚକ୍ରଧର

ଭୁବନେଶ୍ୱର,୧୬।୭(ସୌମ୍ୟରଞ୍ଜନ ରାଉତ)

କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଳବୀ ଚକ୍ରଧର ବେହେରା। ଏହି ମହାନାୟକଙ୍କ ତ୍ୟାଗ, ତିତିକ୍ଷା, ନିଷ୍ଠା, ସଂଘର୍ଷ, ସାହସ, ସ୍ୱାଭିମାନ ଓ ଦେଶପ୍ରେମ ଅବର୍ଣ୍ଣନୀୟ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃ ସ୍ମରଣୀୟ। ଚକ୍ରଧର ବ୍ରିଟିଶ ଓ ରାଜକୀୟ ଶାସନର ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନକରି ଆଜୀବନ ପ୍ରଜାଙ୍କ ହିତ ପାଇଁ ଲଢେଇ କରିଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସୂଚନା ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ବକ୍ତାଭାବେ ସାହିତ୍ୟିକ ଡ. ଗୌରହରି ଦାସ ଯୋଗଦେଇ ଚକ୍ରଧରଙ୍କ ତ୍ୟାଗପୂତ ଜୀବନାଦର୍ଶର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଲେ, କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ଓ ଅନନ୍ୟ ବ୍ୟକ୍ତିତ୍ୱ। କନିକା ପ୍ରଜାମୁକ୍ତି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେହି ଅଞ୍ଚଳର ପ୍ରଜାଙ୍କୁ ସ୍ୱାବଲମ୍ବୀ କରିବା। ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଗାମୀ ପିଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଓ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ପ୍ରମୁଖ ଯୋଗଦେଇ ଚକ୍ରଧରଙ୍କ ସଂଗ୍ରାମ ସମ୍ପର୍କରେ କହିଥିଲେ। ତରଙ୍ଗ ଅନୁଷ୍ଠାନର ଶିଳ୍ପୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ଚକ୍ରଧର ବେହେରା ସ୍ମୃତି ସଂସଦର ସହସମ୍ପାଦକ ପ୍ରଭାକର ପରିଡା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜଭବନ ଛକସ୍ଥିତ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଦାସ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବିପ୍ଳବୀଙ୍କ ସ୍ମୃତିରେ ଅକ୍ଷୟ କୁମାର ସାହୁ କବିତା ପାଠ କରିଥିଲେ।



ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

## ତୃତୀୟ ଜନଶୁଣାଣିରେ ମତ ରଖିଲେ ୪୨

### ଶରଧାବାଲି ଦଳାଚକଟା ଘଟଣା

ପୁରୀ,୧୬।୭(ଅଜିତ୍ କୁମାର ମହାନ୍ତି)– ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଜୁନ୍ ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ହୋଇଥିବା ଦଳାଚକଟା ଘଟଣାରେ ତଦନ୍ତ ଭାର ନେଇଥିବା ଉନ୍ନୟନ କମିଶନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ପୁରୀରେ ତୃତୀୟ ଥର ପାଇଁ ଜନଶୁଣାଣି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ୪୨ଜଣ ଅଧିକାରୀ ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ଜନଶୁଣାଣିରେ ଯୋଗ ଦେଇଥିଲେ। ୪୨ ଜଣ ଅଧିକାରୀଙ୍କ ମଧ୍ୟରେ ଉକ୍ତ ଦିନ କାର୍ଯ୍ୟରେ ଥିବା ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ପୋଲିସ ଏବଂ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ର କର୍ମଚାରୀମାନେ ରହିଥିଲେ। ସମସ୍ତ ୪୨ ଜଣ ଅଧିକାରୀ ସେମାନଙ୍କର ମତ ତଦନ୍ତ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ।

## ନିଟ୍ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ କିଟ୍ ଏଚ୍‌ଏସ୍‌ଏସ୍‌ରେ ସମ୍ବର୍ଦ୍ଧନା



ନିଟ୍‌ରେ ସଫଳ ହୋଇଥିବା ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୬।୭ (ଅନୁରାଧା ମହାରଣା)

ଚଳିତବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି–ନିଟ୍)ରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା ପର୍ବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଫଳତା ପାଇଥିବା ୩ଜଣ ଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଖରେ ଉକ୍ତି, ଶ୍ରଦ୍ଧା ଓ ସମର୍ପଣ ରହିଲେ ସଫଳତା ତାଙ୍କ ହାତମୁଠାରେ ବୋଲି ଅନୁଷ୍ଠାନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର କହିଥିଲେ। ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନୁଷ୍ଠାନରେ ଏକ ସ୍ୱତନ୍ତ୍ର ପ୍ରବେଶିକା ବିଭାଗ ଖୋଲାଯାଇ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସେ କହିଥିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମକରି ଶ୍ରେଷ୍ଠ ଲକ୍ଷ୍ୟ ପୂରଣ ପାଇଁ ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନିଟ୍ ପ୍ରବେଶିକା ପରୀକ୍ଷାରେ ସମୁଦାୟ ୨୦ ଜଣ କୋଚିଂ ନେଉଥିବା ବେଳେ ଏଥିରୁ ୫ଜଣ ଛାତ୍ର ନିଟ ପରୀକ୍ଷାରେ ସଫଳ ହୋଇ ଏସ୍‌ସିବି, ଏମ୍‌କେସିଜି ଓ ଏମ୍‌ସ ପରି ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ପାଇଛନ୍ତି। ଏହି ଅବସରରେ ସଫଳତା ପାଇଥିବା ଛାତ୍ର ଅରବିନ୍ଦ ସାହୁ ଏବଂ ଚିନ୍ମୟ କୁମାର ସାମଲ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ପ୍ରଫେସର ଗଣପତିଙ୍କ ଗବେଷଣା ଯାତ୍ରା ନେଇ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୭(ଅନୁରାଧା ମହାରଣା)

ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ(ସିଜିୟୁ)ରେ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଗଣପତି ପଣ୍ଡାଙ୍କ ବୈଜ୍ଞାନିକ ଉତ୍କର୍ଷକୁ ସମ୍ମାନ ଜଣାଇ ୱେବ୍‌ସାଇଟ www.ganapatipanda.in ପ୍ରସ୍ତୁତ କରାଯାଇଛି। ସିଜିୟୁ ଉପକୁଳପତି ପ୍ରଫେସର ବଂଶୀଧର ମାଝି, ପ୍ରୋ–ଭିସି ପ୍ରଫେସର ଡ. ଗୁଡା ଶ୍ରୀଦେବୀ, ଡିନ୍ ଓ ବିଭିନ୍ନ ବିଭାଗର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ ଉନ୍ମୋଚନ କରାଯାଇଛି। ଏହାକୁ କୋଡ୍‌ଡାଏସ୍ ସଫ୍ଟୱେୟାର ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଡିଜାଇନ୍ କରାଯାଇଛି। ପ୍ରଫେସର ପଣ୍ଡା ସିଗ୍ନାଲ ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଓ ଇଞ୍ଜିନିୟରିଂ ଶିକ୍ଷାରେ ଗଭୀର ଗବେଷଣା କରିଛନ୍ତି। ଆଇଆଇଟି ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା ଓ ଏନ୍‌ଆଇଟି ଜାମସେଦପୁରରେ ମୁଖ୍ୟ ନେତୃତ୍ୱ ଦାୟିତ୍ୱ ତୁଲାଇଛନ୍ତି। ସେ ୬୫୦ରୁ ଅଧିକ ଗବେଷଣା ପତ୍ର ପ୍ରକାଶ କରିଛନ୍ତି। ସେ ଆଇଏନ୍‌ଏଇ, ଏନ୍‌ଏଏସଆଇ, ଏଫ୍‌ଆଇଇଟି(ୟୁକେ), ଏଫ୍‌ଆଇଇଟିଇ ଓ ଆଇଇଇଇର ସିନିୟର୍ ମେମ୍ବର ରହିଛନ୍ତି। ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଶ୍ରେଷ୍ଠ ୨% ବୈଶ୍ୱିକ ବୈଜ୍ଞାନିକ ତାଲିକାରେ ସେ ଏକାଧିକ ବର୍ଷ ସ୍ଥାନ ପାଇଛନ୍ତି। ଏହି ୱେବସାଇଟ ମାଧ୍ୟମରେ ପ୍ରଫେସର ପଣ୍ଡାଙ୍କ ବାୟୋଗ୍ରାଫି, ପୁରସ୍କାର, ପ୍ରକାଶନ, କିନୋଟ ଟକ୍ସ, ମେଣ୍ଟରିଂ, ଓ ଆନୁଷ୍ଠାନିକ ଅବଦାନକୁ ଉପସ୍ଥାପନ କରାଯାଇଛି। ସେଥିରେ ଭିଡିଓ ଆର୍କାଇଭ, ଟେଷ୍ଟିମୋନିଆଲ ଓ ବିଶ୍ୱରୁ ମିଳିଥିବା ମନ୍ତବ୍ୟ ଉପଲବ୍ଧ ରହିଛି। ଅନେକ ଅଧ୍ୟାପକ ଏହି ଉଦ୍ୟମକୁ ଏକ ଏକାଡେମିକ୍ ଡକ୍ୟୁମେଣ୍ଟେଶନର ମାଇଲଷ୍ଟୋନ୍ ଭାବେ ବ୍ୟାଖ୍ୟା କରି ଜଣେ ଶ୍ରେଷ୍ଠ ଶିକ୍ଷକ, ମେଣ୍ଟର ଓ ପ୍ରତିଷ୍ଠାତା ନେତାଙ୍କୁ ଉପଯୁକ୍ତ ସମ୍ମାନ ବୋଲି କହିଛନ୍ତି। ଉଦ୍‌ଘାଟନ ପରେ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶିତ ହୋଇଥିଲା।



ସିଭି ରମଣ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଗଣପତି ପଣ୍ଡାଙ୍କ ୱେବ୍‌ସାଇଟ ଉନ୍ମୋଚନ କରାଯାଉଛି।



ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ବୁଧବାର ରବୀନ୍ଦ୍ର ମଣ୍ଡପରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଗୁରୁଙ୍କ ସ୍ମୃତିରେ ପ୍ରତିମୂର୍ତ୍ତିସ୍ଥଳରୁ ମଞ୍ଚ ନୃତ୍ୟ ପ୍ରଦର୍ଶନ

### ଗୁରୁ ଦେବପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୭ (ସୌମ୍ୟରଞ୍ଜନ ରାଉତ)

ତ୍ରିଧାରା ପକ୍ଷରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ଗୁରୁ, ଅତିଥି, ଶିଷ୍ୟ ଓ ଶୁଭେଚ୍ଛୁଙ୍କ ଦ୍ୱାରା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ଦେବପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରଯାଇଥିଲା। ପରେ ମହାବିଦ୍ୟାଳୟଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ରାସ୍ତାରେ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଛତ୍ରପୁରର ସମୀର ନୃତ୍ୟ କେନ୍ଦ୍ର ଦ୍ୱାରା ବାଘନାଚ/ କାଠ ପାଦ ନୃତ୍ୟ, ତ୍ରିଧାରାର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ କଟକର ନୃତ୍ୟ କଳା ଡ୍ୟାନ୍ସ ଏକାଡେମୀର ଶିଳ୍ପୀ, ରାଞ୍ଚିର ଗୁରୁ ସବିତା ମିଶ୍ର ଓ ସାଥୀଙ୍କ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପରେ ଗୁରୁ ଓ ବରିଷ୍ଠ କଳାକାରଙ୍କୁ 'ଗୁରୁ ଦେବପ୍ରସାଦ ନୃତ୍ୟ ରତ୍ନ ପୁରସ୍କାର' ଦିଆଯାଇଥିଲା। ପରେ ଶିଳ୍ପୀ ବାଗ୍ମିଶ୍ରୀ ଦାସଙ୍କ ସହ ନୁପୁର, ନୃତ୍ୟଶ୍ରୀ, ବିଶ୍ୱନାଥ ସଙ୍ଗୀତାଳୟ, ନୃତ୍ୟନିଳୟ, ଶ୍ରୀ ଡ୍ୟାନ୍ସ ଏକାଡେମୀ, ଭୁବନେଶ୍ୱର କଳା କେନ୍ଦ୍ର, ଦେବପ୍ରସାଦ କଳା ତୀର୍ଥ ଏବଂ ତ୍ରିଧାରା ନୃତ୍ୟାନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଷାବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ଥପତି ସଂରକ୍ଷକ ପ୍ରଭାକର ମହାରଣା, ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ, ଓଡିଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ପୁଣ୍ୟ ଦର୍ଶନ ସାହୁ ପରିଚାଳନା କରିଥିଲେ।

## ମମତା ଫାଉଣ୍ଡେଶନର ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା

ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)

ମମତା ଫାଉଣ୍ଡେଶନ ପକ୍ଷରୁ ସ୍ୱର୍ଗତ ସୁଧାଂଶୁ ମିଶ୍ରଙ୍କ ୮୪ତମ ଜନ୍ମବାର୍ଷିକୀ ଅବସରରେ 'ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା' ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର 'ନାଗରିକ କେନ୍ଦ୍ରିକ ପ୍ରଶାସନ' ବିଷୟରେ ବକ୍ତୃତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାମିଲନାଡୁ ମଧ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇଥିବା ବେଳେ ସିୱାଇଏସ୍‌ଡିର ସହ ସଂସ୍ଥାପକ ଜଗଦାନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ ସ୍ୱାଗତ ସଭାପାଠ କରିଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ବିଜୟା ମିଶ୍ର ସଂସ୍ଥାର ପୃଷ୍ଠଭୂମି ଓ କାର୍ଯ୍ୟଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଆଶୀର୍ବାଦ ବଚନ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ, ଭାରତୀୟ ବିଦ୍ୟା ଭବନ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଆୟୋଜିତ ତର୍କ–ବିତର୍କ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମମତା ତରଫରୁ ସମାଜର ଅସହାୟ ଓ ବଞ୍ଚିତ ବର୍ଗ ପାଇଁ ଉଲ୍ଲେଖନୀୟ ଅବଦାନ ଦେଇଥିବା ଚାଇଲ୍ଡ ଆଣ୍ଡ ୱିମେନ ଡିଭେଲପ୍‌ମେଣ୍ଟ ସୋସାଇଟିର ଅଧ୍ୟକ୍ଷା ମେଜର ଡ଼ା. କଳ୍ପନା ଦାସ ଓ ରକ୍ତଦାନରେ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ଡା. ସୁଶୀଲ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମମତା ଫାଉଣ୍ଡେଶନ କୋଷାଧ୍ୟକ୍ଷ ଦିଲୀପ ଦ୍ୱିବେଦୀ ଓ ଉପ ସଭାପତି ଡ. ମଧୁମିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁଏସ୍‌ଏର ସୁଜୟା ମିଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ।


ମମତା ଫାଉଣ୍ଡେଶନ ପକ୍ଷରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଆୟୋଜିତ 'ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ'ରେ ଯୋଗଦେଇଥିବା ଅତିଥିମାନେ।

## ଭିଡିଓ ଭାଇରାଲ କରି ଯୁବକ ଗିରଫ

ବାରଙ୍ଗ,୧୬।୭(ଲିଙ୍ଗରାଜ ରାଉତ): ଯୁବତୀଙ୍କ ଗାଧୋଇବା ଭିଡିଓ ଭାଇରାଲ ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଯୁବକକୁ ବୁଧବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ପାଣିଓରାରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର କାର୍ତ୍ତିକ ପ୍ରଧାନ ଓରଫ ନିର୍ମଳ(୩୦)। କାର୍ତ୍ତିକ ପାଣିଓରାରେ ଭଡଣୀ ଘରେ ରହି ଏକ କମ୍ପାନୀରେ କାମ କରନ୍ତି। ମଙ୍ଗଳବାର ସକାଳେ ଯୁବତୀ ଗାଧୋଇଲା ବେଳେ କାର୍ତ୍ତିକ ଭିଡିଓ କରୁଥିବା ଦେଖି ବାପାଙ୍କୁ କହିଥିଲେ। ଯୁବତୀଙ୍କ ବାପା ଏନେଇ କାର୍ତ୍ତିକଙ୍କୁ ପଚାରିବା ସହ ଭିଡିଓ ଡିଲିଟ୍ କରିବାକୁ କହିଥିଲେ। କିନ୍ତୁ କାର୍ତ୍ତିକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଭିଡିଓ ପାଇଁ ଟଙ୍କା ମାଗିଥିଲେ। ପରେ ଭିଡିଓକୁ ସେ ତାଙ୍କ ବନ୍ଧୁଙ୍କ ନିକଟକୁ ପଠାଇ ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୩୮/୨୫) ରୁଜୁକରି କାର୍ତ୍ତିକଙ୍କୁ ବୁଧବାର ଗିରଫ କରିବା ପରେ ତାଙ୍କ ସହ ବନ୍ଧୁଙ୍କ ମୋବାଇଲ ଫୋନକୁ ଜବତ କରିଛି।

## ଧନ୍ଦାମୂଳକ କନିଷ୍ଠ ଅଧ୍ୟାପିକା, ଅଧ୍ୟାପକଙ୍କ ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)

ଉଚ୍ଚମାଧ୍ୟମିକଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୫୪ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପିକା ଓ ଅଧ୍ୟାପକଙ୍କ ୪ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ (ସିୟୁଟିଏମ୍) ଓ ପାରଳାଖେମୁଣ୍ଡି କ୍ୟାମ୍ପସରେ ଆରମ୍ଭ ହୋଇଛି। ଜଟଣୀଠାରେ ଟୁରିଜମ ଆଣ୍ଡ ହସ୍ପିଟାଲିଟି, ସିପିଇଏଫ୍‌ଏଲ୍, ସିଆର୍‌ଏମ୍, ଇନ୍ସ୍ୟୁରାନ୍ସ, ଓଏମ, ବିଏଫ୍‌ଏସ୍‌ଆଇର ଅଧ୍ୟାପିକା ଅଧ୍ୟାପକମାନେ ପ୍ରଶିକ୍ଷଣ ନେଇଥିବା ବେଳେ ପାରଳାଖେମୁଣ୍ଡିଠାରେ ହର୍ଟିକଲ୍‌ଚର, ସେରିକଲ୍‌ଚର ଓ ଇନ୍‌ଲାଣ୍ଡ ଫିସରିଜ୍‌ର ଅଧ୍ୟାପିକା ଅଧ୍ୟାପକ ପ୍ରଶିକ୍ଷଣ ନେଇଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଜଟଣୀଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଯୋଗଦେଇ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ସିୟୁଟିଏମ୍‌ର ଉପକୁଳପତି ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ଧନ୍ଦାମୂଳକ ଶିକ୍ଷାରେ ଦକ୍ଷତା ବିକାଶର ଭୂମିକା ବିଷୟରେ କହିଥିଲେ। ପ୍ରୋ–ଭିସି ଡ. ଅଜୟ କୁମାର ନାୟକ ଓ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଗବେଷଣା ସହାୟିକା ସ୍ମିତାରେଖା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାରଳାଖେମୁଣ୍ଡିଠାରେ ଉଦ୍‌ଘାଟନୀ ଅଧିବେଶନରେ ଗଜପତି ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ ଯୋଗଦେଇଥିଲେ।



ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆୟାର ଓ ଅନ୍ୟ ଅତିଥିଙ୍କ ସହ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପିକାଅଧ୍ୟାପକ।

## ଦୁର୍ଘଟଣା ତଦନ୍ତକାରୀଙ୍କୁ ଦକ୍ଷତା ବିକାଶ ତାଲିମ

ଭୁବନେଶ୍ୱର, ୧୬।୭(ଅନୁରାଧା ମହାରଣା)– ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଓ ଆଇଆଇଟି ମାଡ୍ରାସର ଆରବିଜି ଲାବ୍‌ସ ପକ୍ଷରୁ ଦୁର୍ଘଟଣା ତଦନ୍ତକାରୀଙ୍କ ପାଇଁ ଏକଦିବସୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁଟ୍ କଜ୍ ଆନାଲିସିସ ମ୍ୟାଟ୍ରିକ୍ସ(ଆରସିଏଏମ) ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏଥିରେ ବୈଜ୍ଞାନିକ ପଦ୍ଧତିରେ ପ୍ରମାଣ ଆଧାରିତ ଏକ ଦୁର୍ଘଟଣାର ତଦନ୍ତ ପାଇଁ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୩୫ଜଣ ଦୁର୍ଘଟଣା ତଦନ୍ତ ଅଧିକାରୀ ଯୋଗଦେଇଥିଲେ। ୩ଏମଆଣ୍ଡଇ ଢାଞ୍ଚାର ମାନବୀୟ କାରକ, ମେଶିନ, ଯାନବାହନ ଓ ରାସ୍ତା ଅବସ୍ଥା ଆଲୋଚନା କରାଯାଇଥିଲା। ଅଧିବେଶନରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ପ୍ରବର୍ତ୍ତନରେ ସ୍ଥିର ଅନୁସରଣ ଏବଂ ଆଚରଣଗତ ପରିବର୍ତ୍ତନ ଉପରେ ମତ ଦେଇଥିଲେ। ସଡ଼କ ସୁରକ୍ଷା କେବଳ ଭିତ୍ତିଭୂମିର ବିଷୟ ନୁହେଁ – ଏହା ଦାୟିତ୍ୱ, ସତର୍କତା ଏବଂ ନବସୃଜନ ପ୍ରତି ଏକ ମନୋଭାବ। ଏଠାରେ ପ୍ରତ୍ୟେକ ଅଧିକାରୀ ଜୀବନ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ତୃଣମୂଳ ସ୍ତରରୁ ସଡ଼କ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତାବକୁ ବିଭାଗ ସହଯୋଗ କରିବ ବୋଲି ସେ କହିଥିଲେ। ଏହି ଅଧିବେଶନରେ ଓଡ଼ିଶାର ରାଜ୍ୟ ପରିବହନ ପ୍ରାଧିକରଣର ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟମ ମଧ୍ୟ ଉପସ୍ଥିତ ଥିଲେ। ପ୍ରଫେସର ବାଲସୁବ୍ରମଣ୍ୟମ ବୈଷୟିକ ତାଲିମର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କେସ୍ ଷ୍ଟଡି, କ୍ରାସ ସିନ ଷ୍ଟିମୁଲେଶନ, ଡେଥ୍ ଅଡିଟ ଏକ୍ସରସାଇଜ ଦ୍ୱାରା ରାସ୍ତା ଦୁର୍ଘଟଣାର କାରଣ ହେଉଥିବା ପଦ୍ଧତିଗତ ବିଫଳତାଗୁଡ଼ିକର ମୂଲ୍ୟାଙ୍କନ ଏବଂ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ବ୍ୟବହାରିକ ଉପକରଣ ଓ ପଦ୍ଧତି ଉପରେ ତାଲିମ ଦିଆଯାଇଥିଲା।



ତାଲିମ କାର୍ଯ୍ୟକ୍ରମରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ସହ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ବିଚାର ବିଭାଗୀୟ ତଦନ୍ତ କରାଯାଉ, ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ

ବାଣପୁର,୧୬।୭(ଦିଲ୍ଲୀପ କୁମାର ସ୍ୱାଇଁ)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ବାଣପୁର ଏନ୍‌ଏସି ବିଜେଡି ସଭାପତି ଉମାକାନ୍ତ ଲାଠି ଏବଂ ନଗରପାଳ ମିଟୁ ନାୟକ ପ୍ରମୁଖ ଦାବି କରିଛନ୍ତି। ବୁଧବାର ଏହି ଦୁଇ ନେତାଙ୍କ ନେତୃତ୍ୱରେ ଏନ୍‌ଏସି ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଓ ମହିଳା ବିଶରପାଟଣା ଛକରୁ ହାତରେ ମହମବତି ଧରି ନୀରବ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମା' ଭଗବତୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ମୃତ ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରି ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ରାଷ୍ଟ୍ର ହିତରେ କାର୍ଯ୍ୟ କରିବାକୁ ଆହ୍ୱାନ

ଖୋର୍ଦ୍ଧା,୧୬।୭(ପ୍ରଭାତ ପାଣିଗ୍ରାହୀ)

ହିନ୍ଦୁଜାଗରଣ ମଞ୍ଚ ଖୋର୍ଦ୍ଧା ଜିଲାର ସାଧାରଣ ବୈଠକ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସହ ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ଜୀ ଏହି ବୈଠକରେ ଯୋଗଦେଇଥିଲେ। ଖୋର୍ଦ୍ଧାରେ କିଭଳି ହିନ୍ଦୁଙ୍କୁ ଜାଗୃତ କରାଯିବ, ହିନ୍ଦୁ ବିରୋଧୀ କାର୍ଯ୍ୟକଳାପ ରୋକାଯିବ ଏବଂ ରାଷ୍ଟ୍ର ହିତ ପାଇଁ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ବୈଠକ ପ୍ରାନ୍ତ ସଂଗଠନ ସମ୍ପାଦକ ତନ୍ମୟ ଦାଶ, ପ୍ରାନ୍ତ ସହସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ, ଜିଲା ସଂଯୋଜକ ଶୁଭମ୍ ରାମ, ଜିଲା ସହସଂଯୋଜକ ତୁଷାରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହ ସୌଜନ୍ୟତାମୂଳକ ସାକ୍ଷାତ କରି ବିଭିନ୍ନ ସାମାଜିକ ବିଷୟରେ ସକାରାତ୍ମକ ଆଲୋଚନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଓ ନଗରର ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଖୋର୍ଦ୍ଧା ଜିଲା ସଂଯୋଜକ ଶୁଭମ୍ ରାମ, ସହସଂଯୋଜକ ତୁଷାର ବେହେରା, ଖୋର୍ଦ୍ଧା ନଗର ସଂଯୋଜକ ବିକାଶ ବେହେରା, ସହସଂଯୋଜକ ଗୁଲୁ ସ୍ୱାଇଁ ସାମାଜିକ ଆଦର୍ଶ କେନ୍ଦ୍ର ସଂଯୋଜକ ମନୋରଞ୍ଜନ ପାତ୍ର, ସହସଂଯୋଜକ ପ୍ରତାପ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି।

### ଅନଧିକାର ଟ୍ରେନ୍ ଟିକେଟ ଯାଞ୍ଚ ସନ୍ଦେହରେ ଜଣଙ୍କୁ ପଚରାଉଚରା

ଜଟଣୀ,୧୬।୭(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ରେଳ ଷ୍ଟେଶନରେ ଜଣେ ବ୍ୟକ୍ତି ବେଆଇନ ଭାବେ ରେଳ ଟିକେଟ ଯାଞ୍ଚ କରୁଥିବା ସନ୍ଦେହରେ ଜଣକୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେଶନର ପ୍ଲାଟ୍‌ଫର୍ମନମ୍ବର ୧ରେ ଥିବା ପୁରୀ–ଗୁଣପୁର ଟ୍ରେନ୍‌ରେ କେତେଜଣ ଯାତ୍ରୀଙ୍କଠାରୁ ୨ଜଣ ଯୁବକ ଟ୍ରେନ୍ ଟିକେଟ ଯାଞ୍ଚ କରୁଥିବା ସମୟରେ କେତେଜଣ ଯାତ୍ରୀଙ୍କ ସନ୍ଦେହ ହେବାରୁ ଷ୍ଟେଶନରେ କାର୍ଯ୍ୟରତ ଟିକେଟ ନିରୀକ୍ଷକଙ୍କୁ ଜଣାଇଥିଲେ। ପରେ ତାଙ୍କୁ ଟିକେଟ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅଟକ ରଖି ଆର୍‌ପିଏଫ୍ ଓ ଜିଆର୍‌ପିଙ୍କୁ ଖବର ଦିଆଯାଇଥିଲା। ଉଭୟ ଅଧିକାରୀ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

### ଯୋଗେନ୍ଦ୍ର ପଣ୍ଡାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା,୧୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅବସରପ୍ରାପ୍ତ ଆୟୁର୍ବେଦିକ ଚିକିତ୍ସକ ତଥା ପତଞ୍ଜଳି ଯୋଗ ସମିତିର ପୂର୍ବତନ ଜିଲା ସଭାପତି ଯୋଗେନ୍ଦ୍ର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଗୀତା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ସେ ଜଣେ ଦକ୍ଷ ଚିକିତ୍ସକ ଓ ଜନସେବୀ ଭାବେ ପରିଚିତ ଥିଲେ ବୋଲି ସଭାରେ ସ୍ମୃତିଚାରଣ କରାଯାଇଥିଲା। ସର୍ବଶ୍ରୀ ନିରଞ୍ଜନ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ବୃନ୍ଦାବନ ପଣ୍ଡା, ଜ୍ଞାନରଞ୍ଜନ ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାମଶଙ୍କର, ରବୀନ୍ଦ୍ର କୁମାର ସାହୁ, ଶିବସୁନ୍ଦର ପଟ୍ଟନାୟକ, ଶାନ୍ତିଲତା ବଳିୟାରସିଂହ, ସୁକାନ୍ତି ମିଶ୍ର, ଅଶୋକ ଚନ୍ଦ୍ର ମହାପାତ୍ର, ଡ. ପ୍ରମୋଦ ଚନ୍ଦ୍ର ଦାଶ, ରଶ୍ମି ମହାପାତ୍ର, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଡା. ଯୋଗେଶ ଚନ୍ଦ୍ର ରଥ ଏବଂ ସହଧର୍ମିଣୀ ବିଜୟିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପୁତ୍ର ଅମିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜିଲାରେ ୧୭୦ ଡେଙ୍ଗୁ ରୋଗୀ

## ୧,୨୨,୭୯୮ ଜଣଙ୍କ ନମୁନାରୁ ୪୯ ମ୍ୟାଲେରିଆ ଚିହ୍ନଟ

ଖୋର୍ଦ୍ଧା,୧୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାରେ ଡାଇରିଆ, ଡେଙ୍ଗୁ ଏବଂ ମ୍ୟାଲେରିଆ ପ୍ରତିରୋଧ ଓ ନିରାକରଣ ନିମିତ୍ତ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାରେ ୧୪ ତାରିଖ ସୁଦ୍ଧା ୧୩,୭୧୮ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ତନ୍ମଧ୍ୟରୁ ଖୋର୍ଦ୍ଧା ଗ୍ରାମାଞ୍ଚଳ ଓ ଭୁବନେଶ୍ୱର ମହାନଗର ନିଗମକୁ ନେଇ ୧୭୦ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଛି। ୪୫ ଜଣ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ୪୨ ରୋଗୀ ଚିକିତ୍ସିତ ହୋଇ ଫେରିଛନ୍ତି। ସେହିପରି ଜାନୁଆରୀରୁ ମେ ଶେଷ ସୁଦ୍ଧା ୧,୨୨,୭୯୮ ଜ୍ୱର ରୋଗୀଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ ୪୯ ଜଣ ମ୍ୟାଲେରିଆ ପଜିଟିଭ ରୋଗୀ ରହିଛନ୍ତି। ଏଡିପି ଏଚ୍‌ଓ ଡା. ଜୀବନ୍ତ ଆଚାର୍ଯ୍ୟ ଏହି ଭେକ୍ଟରବାହିତ ଓ ଜଳବାହିତ ରୋଗକୁ ନିୟନ୍ତ୍ରଣ କରିବା ତଥା ପ୍ରତିରୋଧ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଡେଙ୍ଗୁ ରୋଗ ଏଡିସି ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ। ଡାଇରିଆ ପ୍ରାୟ ଦୂଷିତ ଜଳ ପିଇବା ଏବଂ ମ୍ୟାଲେରିଆ ମାଈ ଏନୋଫିଲିଶ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ଏହି ମଶା ପ୍ରାୟତଃ ଦିନରେ କାମୁଡ଼େ। ଅପରିଷ୍କାର ପରିବେଶ, ଅପରିଷ୍କାର ପାଣି ବ୍ୟବହାର ତଥା ଖାଲି ପାଦରେ ଚାଲିବା ଇତ୍ୟାଦି କାରଣରୁ ଡାଇରିଆ ବ୍ୟାପିଥାଏ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ଏହିସବୁ ଭେକ୍ଟରବାହିତ ରୋଗର ପ୍ରବଣତା ଅଧିକ ରହିଥାଏ। ତେଣୁ ଏ ଦିଗରେ ସଚେତନତା ଜରୁରୀ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ଅସିତ କୁମାର ଦାଶ ପାୱାର ପଏଣ୍ଟ ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରୋଗୀଙ୍କ ରକ୍ତନମୁନା ପରୀକ୍ଷା, ଚିକିତ୍ସା ସେବା ଆଦି ସମସ୍ତ ବିଷୟବସ୍ତୁ ଉପରେ ତଥ୍ୟ ପ୍ରକାଶ କରିଥିଲେ। ଜିଲା ପରିଷଦ ସଭାପତି ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ରୋଗ ଉପରେ ବିଶେଷ ଦୃଷ୍ଟିଦେବାକୁ କହିଥିଲେ। ଉପସଭାପତି ଗୋପୀନାଥ ମହାରଣା ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ କହିଲେ, ଗାଁ କଲ୍ୟାଣ ସମିତି ଜନପ୍ରତିନିଧିମାନଙ୍କୁ ଏବଂ କାର୍ଯ୍ୟାନ୍ୱୟନ ଯଥା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ସହରାଞ୍ଚଳରେ ପୌର ପରିଷଦ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ମଧ୍ୟରେ ସମନ୍ୱୟ, ସହଭାଗିତା ରହିଲେ ଏହାକୁ ରୋକାଯାଇପାରିବ। ଏ ଦିଗରେ ସଜାଗ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ରୋଗୀଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା, ଶୂନ ମୃତ୍ୟୁ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍, ଶୁଭକାନ୍ତ ଗନ୍ତାୟତ, ଡିପିଏଚ୍‌ଓ ଡା. ରଞ୍ଜନ କୁମାର ମିତ୍ର, ଏଡିପିଏଚ୍‌ଓ, ଡା. ନନ୍ଦିତା ଗୁପ୍ତା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜୱାନ କାକ୍ୱ୍, ସମସ୍ତ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଏବଂ ଅନ୍ୟମାନେ।

# ସ୍ଥାଣୁ ପାଲଟିଛି ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ

କୃଷ୍ଣପ୍ରସାଦ,୧୬।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)




ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ଥିବା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ କର୍ମଚାରୀଙ୍କ ଅଭାବରୁ ସ୍ଥାଣୁ ପାଲଟିଛି। ଉକ୍ତ ପ୍ରକଳ୍ପ ଅଧିନରେ ୫ଟି ସେକ୍ଟର ନୂଆପଡ଼ା, ସାତପଡ଼ା, ପଣସପଦା, ମାଲୁଦ ଏବଂ କୃଷ୍ଣପ୍ରସାଦ ଅଛି । ଏହାକୁ ତଦାରଖ କରିବା ନିମନ୍ତେ ୫ ଜଣ ସୁପରଭାଇଜର ରହିବା ପରିବର୍ତ୍ତେ ୨ ଜଣ ସୁପରଭାଇଜର ଦେଖାଶୁଣା କରୁଛନ୍ତି। ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ ସମୟ ଧରି ୩ଟି ସୁପରଭାଇଜର ପଦବୀ ଖାଲି ପଡ଼ିଛି। ଏଠାରେ କାର୍ଯ୍ୟରତ ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀଙ୍କର ଅନ୍ୟତ୍ର ବଦଳି ହୋଇଥିବା ବେଳେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବା ଜଣାପଡ଼ିଛି। ସେହିପରି କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ପଦବୀଟି ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ହେବ ଖାଲି ପଡ଼ିଛି। ଫଳରେ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଥିବାରୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ତଦାରଖ କରିବାରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଉକ୍ତ କାର୍ଯ୍ୟାଳୟ ଅଧିନରେ ୧୩୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ଜଣାପଡ଼ିଛି। ଏଥିପ୍ରତି ପୁରୀ ଜିଲାପାଳ,ବ୍ରହ୍ମଗିରି ବିଧାୟିକା ଓ ଶିଶୁ କଲ୍ୟାଣ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକବାସୀ ଦାବି କରିଛନ୍ତି।

# ନାରୀଧର୍ମୀ ଲେଖା ସାହିତ୍ୟ ଜଗତକୁ ସମୃଦ୍ଧ କରେ

ବାଲିପାଟଣା, ୧୬।୭(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ପୀଠରେ ବୁଧବାର ମହିଳାଙ୍କ ପାଇଁ ସମର୍ପିତ ସାହିତ୍ୟ ସଂସ୍କୃତିସମ୍ପନ୍ନ ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ୧୪ ତମ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସାନ୍ତ୍ୱନା ସାହିତ୍ୟ ସଂସଦର ଉପସଭାପତି ସୁଚେତା ରାଉତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବରଦା ପ୍ରସନ୍ନ ମହାପାତ୍ର ଯୋଗଦେଇ କହିଲେ, ନାରୀଧର୍ମୀ ଲେଖା ସାହିତ୍ୟକୁ ସମୃଦ୍ଧ କରେ। ଯେଉଁ ସ୍ରଷ୍ଟା ତା ସୃଷ୍ଟିରେ ମହିଳା ଚରିତ୍ରକୁ ଗୁରୁତ୍ୱ ଦିଏ, ସେ ଲେଖା ସେତେ ଲୋକାଦୃତ ହୁଏ। ଶିଶୁ ସାହିତ୍ୟିକା ତନୟାଦାସ ଗୋସ୍ୱାମୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ମହିଳା ଲେଖକ ସବୁ ସମୟରେ ସମାଜ ସଂସ୍କାର ପାଇଁ ତା ଲେଖାରେ ସଶକ୍ତ ଓ ସମର୍ପିତ। ନିରୋଦ କୁମାର ରାଉତ, ଅନିମା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରକୁ ଅବଦାନ ପାଇଁ ଲେଖିକା ଶଶିପ୍ରଭା ଦାସ ଓ ଇତିଶ୍ରୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ସବିତାବାଳା ବେହେରାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଶତାଧିକ କବି, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଏହାର ସଫଳତାରେ ସହଯୋଗ କରିଥିଲେ। ଅନୀମାଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ମନୋରମା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

## ସବୁ ବ୍ଲକ୍‌ରେ ପ୍ରତିଷ୍ଠା ହେବ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର: ଅପରାଜିତା

ଟାଙ୍ଗୀ,୧୬।୭(ରଘୁନାଥ ସାହୁ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରୟାସ କ୍ରମେ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକ୍ ସଦର ମହକୁମାରେ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେବ। ବୁଧବାର ଟାଙ୍ଗୀସ୍ଥିତ ପ୍ରଭୁ ଶ୍ରୀବଳରାମ ଦେବ ମନ୍ଦିରଠାରେ ଏମ୍‌ପି ଷଡ଼ଙ୍ଗୀ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଓ ସମନ୍ୱିତ ପାଣ୍ଠିର ମିଳିତ ଅନୁଦାନ ୫୩ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ କରାଯିବ। ଜିଲାର ପ୍ରତ୍ୟେକ ବ୍ଲକ୍ ସଦର ମହକୁମାରେ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳର ଯୁବତୀ ଯୁବକମାନେ ଉନ୍ନତ ମାନର ଶିକ୍ଷା ତଥା କୋଚିଂ ପାଇବା ଦ୍ୱାରା ଓଡ଼ିଶାରେ ଅଧିକ ସଂଖ୍ୟକ ଆଇଏଏସ୍ ଅଫିସର ସୃଷ୍ଟି ହୋଇପାରିବେ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ୧୧ ନମ୍ବର ଜିଲା ପରିଷଦ ସଭ୍ୟା ଅନସୂୟା ବେହେରା, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏମ୍‌ପି ଷଡ଼ଙ୍ଗୀଙ୍କ ବ୍ଲକ୍ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ସୁରେନ୍ଦ୍ର କୁମାର ମହାପାତ୍ର, ବାବୁ ବେହେରା, ସୁନୀଲ କୁମାର ମହାନ୍ତି, ମନୋଜ କୁମାର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏମ୍‌ପି ଏବଂ ବିଧାୟକଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ।


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ସାପକାମୁଡ଼ାରେ ୪ର୍ଥ ଶ୍ରେଣୀ ଛାତ୍ରୀ ଗୁରୁତର

ବାଘମାରୀ,୧୬।୭
(ମିହିର ରଞ୍ଜନ ମହାପାତ୍ର)

ବାଘମାରୀସ୍ଥିତ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ସର୍ପଦଂଶନରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇପଡ଼ିଛନ୍ତି। ସେ ହେଲେ ବାଘମାରୀ ଆଦିବାସୀ ସାହିର ମିଥୁନ ବେହେରାଙ୍କ ଝିଅ ଅମ୍ବିତା ବେହେରା (୯)। ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବିଦ୍ୟାଳୟରେ ପ୍ରାର୍ଥନା ଶେଷ ହେବା ପରେ ଶ୍ରେଣୀରେ ପାଠପଢ଼ା ଚାଲିଥିଲା। ଏହି ସମୟରେ ଏକ ନାଗସାପ ୪ର୍ଥ ଶ୍ରେଣୀ କକ୍ଷକୁ ଚାଲିଆସି ଅମ୍ବିତାଙ୍କ ଗୋଡ଼କୁ ଦଂଶନ କରିଥିଲା। ସେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ଶିକ୍ଷକମାନେ ତାଙ୍କୁ ଉଦ୍ଧାରକରି ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥାରେ ସୁଧାର ନ ଆସିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଖାନାରେ ତାଙ୍କ ପରିବାରବର୍ଗ ଓ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ପ୍ରମୁଖ ପହଞ୍ଚିଛନ୍ତି। ଅମ୍ବିତାଙ୍କ ଜେଜେମାଆ ନୀଳାମଣି ବେହେରା ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅନ୍‌ଲାଇନରେ ଅଭିଯୋଗକରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି, ଛାତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଛି ଏବଂ ସେ ସୁସ୍ଥ ଅଛନ୍ତି। ଅନ୍ୟପଟେ ବିଦ୍ୟାଳୟ ପରିସରରେ ଅନାବନା ଘାସଲତା ବୃଦ୍ଧି ସାଙ୍ଗକୁ ଭଙ୍ଗାରୁଜା ଆସବାବପତ୍ର ପଡ଼ିରହିଛି। ଫଳରେ ସରୀସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

# ପ୍ରାଣୀ ଚିକିତ୍ସାଳୟକୁ ମିଳିଲା ନୂତନ ଆମ୍ବୁଲାନ୍ସ

କୃଷ୍ଣପ୍ରସାଦ,୧୬।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ବର୍ଷ ପରେ କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବାର ଆବଶ୍ୟକତା ଥିବାବେଳେ ଏହି ନୂତନ ଯାନଟି ଅଞ୍ଚଳବାସୀଙ୍କ କାର୍ଯ୍ୟରେ ସଦାସର୍ବଦା ସହାୟକ ହେବ ବୋଲି କୃଷ୍ଣପ୍ରସାଦ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା. ସୁଦତ୍ତା ପଟ୍ଟନାୟକ କହିଛନ୍ତି। ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବା ପରେ କୃଷ୍ଣପ୍ରସାଦ ଅଞ୍ଚଳର ଗୋପାଳକ ଓ ପଶୁପାଳକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଭ୍ରାମ୍ୟମାଣ ପଶୁ ଚିକିତ୍ସା ନିମନ୍ତେ ଏହି ନୂତନ ଆମ୍ବୁଲାନ୍ସରେ ସମସ୍ତ ଆନୁଷଙ୍ଗିକ ସୁବିଧା ଥିବା କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସା ଅଧିକାରିଣୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

# ମା'ଙ୍କ ନାମରେ ଗଛଟିଏ


ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

କୃଷ୍ଣପ୍ରସାଦ,୧୬।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ନାରାୟଣ ବିଦ୍ୟାପୀଠ ନୂଆପଡ଼ା ପରିସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବନ ମହୋତ୍ସବର ଉଦ୍ଦେଶ୍ୟ ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ଗ୍ରାମରେ ଚାରା ରୋପଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, କନିଷ୍ଠଯନ୍ତ୍ରୀ ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଅଁଳା, ବେଲ, ଆମ୍ବ, ଡାଳିମ୍ବ ଆଦି ବିଭିନ୍ନ କିସମର ଶତାଧିକ ଚାରା ରୋପଣ କରାଯାଇଥିଲା।

# ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ନିରାକାରପୁର,୧୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲେଶ୍ୱରସ୍ଥିତ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି କାମନାକରି ବୁଧବାର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ସଂଗଠକ କାର୍ତ୍ତିକ ସାମନ୍ତରାୟ, ରୋପିତା ଚମ୍ପତି, ସତ୍ୟପ୍ରିୟ ପ୍ରଧାନ, କାଜଲ ମଙ୍ଗରାଜ, ମାମାଲି ପ୍ରଧାନ ପ୍ରମୁଖ ବହୁ ଛାତ୍ରୀଛାତ୍ର ସାମିଲ ଥିଲେ। ଛାତ୍ରୀଛାତ୍ରମାନେ ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ବେଦ ପାଠଶାଳାରେ ବନ ମହୋତ୍ସବ ପାଳିତ



ନିରାକାରପୁର,୧୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ନିକଟସ୍ଥ ଶ୍ରୀଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳା ପରିସରରେ ବନ ମହୋତ୍ସବ ପାଳନ ସହ ଚାରା ରୋପଣ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦ ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷରୋପଣ ଓ ବନ ମହୋତ୍ସବର ସମାଜ ଏବଂ ବିଶ୍ୱ ପ୍ରତି ଉପକାରିତା ବୈଦିକ ବ୍ୟାଖ୍ୟାନ ମାଧ୍ୟମରେ ଆଲୋକପାତ କରିଥିଲେ। ବେଦ ବିଦ୍ୟାଳୟ ଅଧ୍ୟକ୍ଷ ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

# ଗାଁରେ ବିକ୍ରି ହେଉଛି ବେନାମୀ ଶସ୍ତା ମଦ ପାଉଚ୍

ବେଗୁନିଆ,୧୬।୭(ହରପ୍ରସନ୍ନ ପଣ୍ଡା)

ଅତ୍ୟଧିକ ମାଦକଦ୍ରବ୍ୟ ସେବନ ଶରୀର ପକ୍ଷେ କ୍ଷତିକାରକ। ଅନେକ ସମୟରେ ମଦ୍ୟପାନ ନେଉଛି ଜୀବନ, ଗାଁରେ ଦେଖାଦେଉଛି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳା। ଏହାସତ୍ତ୍ୱେ ସଚେତନ ହେଉନାହାନ୍ତି ଲୋକେ। ସଞ୍ଜ ନଇଁଲେ କେତେକ ଗାଁରେ ସବୁଠି ଜମୁଛି ମଦ ଆସର। ନିଛାଟିଆ ସ୍ଥାନକୁ ମଣୁଛନ୍ତି ସୁରକ୍ଷିତ ମାଧ୍ୟମ। ପାନଦୋକାନ ହେଉ କି ଗ୍ରୋସେରି ସବୁଠି ଶସ୍ତା ମଦ ପାଉଚ ମିଳୁଛି। ଏହି ମଦ ପିଇ ଲୋକେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମଦ କାରବାର ରୋକିବାରେ ଅବକାରୀ ଏବଂ ପୋଲିସ ବିଭାଗ ବିଫଳ ହେଉଛି। ଦୈନିକ ଲୋକ ଦେଖାଣିଆ ଭାବେ ଚଢାଉ ହେଉଛି ହେଲେ ସୁଫଳ ମିଳୁନାହିଁ। ଅପରପକ୍ଷରେ ମଦ୍ୟପାନଜନିତ ବିଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବେଗୁନିଆ ଥାନା, ବାଘମାରି ଥାନା ସହ ଅବକାରୀ ଥାନା ରହିଛି। ବେଗୁନିଆ ବ୍ଲକ୍‌ର କେତେକ ଗ୍ରାମକୁ ଖୋର୍ଦ୍ଧା ସଦର ଏବଂ ଜଙ୍କିଆ ଥାନା ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ତଥାପି ବେଗୁନିଆ ବ୍ଲକ୍ ଅଞ୍ଚଳରେ କିପରି ମଦ ବ୍ୟବସାୟ ବୃଦ୍ଧି ପାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଲୋକେ ଉକ୍ତ ପାଉଚ୍ ମଦ ପିଇବା ପରେ ଏଣେତେଣେ ପାଉଚ୍ ଫିଙ୍ଗିଦେଇ ଚାଲିଯାଉଛନ୍ତି। ଫଳରେ ଗାଁ ପରିବେଶ ନଷ୍ଟ ହେଉଛି। ବେଆଇନ ଦେଶୀ ରନ୍ଧା ମଦ କାରବାର ବୃଦ୍ଧି ପାଉଥିବାରୁ ଥାନା ଏବଂ ଅବକାରୀ ବିଭାଗ ପକ୍ଷରୁ ଅନେକ ସମୟରେ ଚଢ଼ାଉ କରାଯାଉଛି। ଏବେ ପୁଣି ସ୍ଥାନୀୟ ଅଞ୍ଚଳରେ ୧୦୦ ମିଲି ଏବଂ ୨୦୦ ମିଲି ପରିମାଣର ଦେଶୀ ମଦ ପ୍ୟାକେଟ ପଲିଥିନ ପାଉଚ ବଜାରରେ ଉପଲବ୍ଧ ହେଉଛି। ଏଥିରେ ଧାର୍ଯ୍ୟ ମୂଲ୍ୟ, ପରିମାଣ ଏବଂ ପ୍ରସ୍ତୁତି କମ୍ପାନୀର ନାମ, ଅବଧି ସମୟ ଲେଖା ନ ଥିବା ଦେଖିବାକୁ ମିଳିଛି। ଏହାର କୌଣସି ନିର୍ଦ୍ଧାରିତ ସୂଚୀ ନ ଥିବାରୁ ଫାଇଦା ଉଠାଉଛନ୍ତି ଚୋରା ବ୍ୟବସାୟୀ। ବିକ୍ରେତାମାନେ ଖାଉଟିଙ୍କୁ ଦେଖି ୨୦ ରୁ ୫୦ ଟଙ୍କା ଦରରେ ବିକୁଥିବା ଜଣାପଡ଼ିଛି। ଏ ନେଇ ଖୋର୍ଦ୍ଧା ଅବକାରୀ ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇ କହିଛନ୍ତି, ମୁଁ ଏବେ ଏଠାରେ ନୂତନ ଭାବେ ଯୋଗ ଦେଇଛି। ଏପରି ଚୋରା ମଦ ପାଉଚ ବିକ୍ରୟ ହେଉଥିବା ଖବର ଆମ ନିକଟରେ ନାହିଁ। ତଥାପି ବଜାରରେ ଉପଲବ୍ଧ ହେଉଥିବା ମଦ ପାଉଚ ଉପରେ ଅବକାରୀ ପୋଲିସ ପକ୍ଷରୁ ତନ୍ନ ତନ୍ନ କରି ଅନୁଧାନ କରାଯିବ।



**ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ପ୍ରକଳ୍ପର ଶିଳାନ୍ୟାସ**

କଣ୍ଢାପଡ଼ା,(ସୁରନାରାୟଣ ସାହୁ): କଣ୍ଢାପଡା ବ୍ଲକସ୍ଥିତ ଓଲଟପୁର ଗ୍ରାମ ପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ପ୍ରକଳ୍ପ ନିଆଳି ବିଧାୟକ ଛବି ମଲିକ ବୁଧବାର ଶିଳାନ୍ୟାସ କରିଛନ୍ତି। ୪୦ଲକ୍ଷ ଟଙ୍କା ଅନୁଦାନ ରାଶିରେ ଉକ୍ତ ଗ୍ରାମରେ ସୋଲାର ଲାଇଟ, ସୋଲାର ପାଣିଟାଙ୍କି, ଗୋଷ୍ଠି ଶୌଚାଳୟ, ବ୍ୟକ୍ତିଗତ ପରିବାରର ଅଳିଆ କିଟ୍ ଓ ରାସ୍ତାଘାଟ ମରାମତି କରାଯିବ। ଏହି କାର୍ଯ୍ୟକ୍ରମରେ କଣ୍ଢାପଡା ଗ୍ରାମପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ, ସମିତସଭ୍ୟ ପବିତ୍ର ମୋହନ ସ୍ୱାଇଁ, ସମସ୍ତ ୱାର୍ଡସଭ୍ୟ ଓ ଓଲଟପୁର ଗ୍ରାମବାସୀ ଉପସ୍ଥିତ ଥିଲେ।

# ରୋଗୀଙ୍କ ସମ୍ପର୍କୀୟ-ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି

କଟକ,୧୬।୭(ଶିଳ୍ପା ପ୍ରିୟଦର୍ଶିନୀ)

- ଡାକ୍ତର ଦେଖାଇବାକୁ ଦେଉଛନ୍ତି ହାତଲେଖା ଟୋକନ
- ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ସୁରକ୍ଷାକର୍ମୀଙ୍କ ମନମାନି

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନନ୍‌ଟ୍ରମା କାଜୁଆଲଟିରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଟୋକନ (କାଗଜରେ ଲେଖା ନମ୍ବର) ବ୍ୟବସ୍ଥା। ଗୁରୁତର ରୋଗୀ ହୁଅନ୍ତୁ କିମ୍ବା ଅନ୍ୟାନ୍ୟ ରୋଗୀଙ୍କୁ ଡାକ୍ତର ଦେଖାଇବାକୁ ହେଲେ ଏଠାରେ ପ୍ରଥମେ ଟିକେଟ କରିବା ପରେ ବହିର୍ବିଭାଗ ନିକଟରେ ଟୋକନ ନେବା ବାଧ୍ୟତାମୂଳକ ରହିଛି। ଏପରିକି ବୁଧବାର ଏହାର ଠିକ୍ ପରିଚାଳନା କରାଯାଇ ନ ପାରିବାରୁ ସନ୍ଧ୍ୟାରେ ବହିର୍ବିଭାଗ ସମ୍ମୁଖରେ ଡାକ୍ତର ଦେଖାଇବାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଫଳରେ ରୋଗୀ ସେବା କିଛି ସମୟ ପାଇଁ ବନ୍ଦ ରହିଥିଲା। ଏପରିକି ନନ୍‌ଟ୍ରମା କାଜୁଆଲଟିରେ ଟିକେଟ କରିବା ପରେ ପୁନର୍ବାର କେଉଁ ଟୋକନ ଦିଆଯାଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରୋଗୀ ଓ ସମ୍ପର୍କୀୟ।

ସୂଚନା ଅନୁଯାୟୀ, ମେଡିକାଲ ପରିସରର ଆନାଟମି ବିଭାଗ ନିକଟରେ ନୂତନ କରି ନନ୍‌ଟ୍ରମା କାଜୁଆଲଟି ପରିସରରେ ଦୁଇଟି ବହିର୍ବିଭାଗ କାର୍ଯ୍ୟ କରୁଛି। ଟ୍ରମା କାଜୁଆଲଟି ହେଉ କି ନନ୍‌ଟ୍ରମା କାଜୁଆଲଟି ଉଭୟରେ ଡାକ୍ତର ଦେଖାଇବାକୁ ହେଲେ କାଉଣ୍ଟରରୁ ଟିକେଟ ନେବାର ନିୟମ ରହିଛି। ହେଲେ ନନ୍‌ଟ୍ରମା କାଜୁଆଲଟିର ସନ୍ଧ୍ୟା ୫ଟାରୁ ରାତି ୧୦ଟା ଯାଏ ବହିର୍ବିଭାଗରେ ରୋଗୀ ଡାକ୍ତରଙ୍କୁ ଦେଖାଇବାକୁ ହେଲେ ପ୍ରଥମେ ନନ୍‌ଟ୍ରମା କାଜୁଆଲଟି ବାହାରେ ଥିବା ଟିକେଟ କାଉଣ୍ଟରରୁ ଟିକେଟ କରିବେ ଏବଂ ବହିର୍ବିଭାଗ ନିକଟରୁ ଟୋକନ ନେବେ ତାପରେ ଡାକ୍ତରଙ୍କୁ ଦେଖାଇବେ। ଏଭଳି କିଛି ନିୟମ ସମ୍ପର୍କରେ ସେଠାରେ ଥିବା ସୁରକ୍ଷାକର୍ମୀ ରୋଗୀ ଓ ସମ୍ପର୍କୀୟଙ୍କୁ କହିଛନ୍ତି। ଏପରିକି ଟୋକନ ବ୍ୟବସ୍ଥା ଏଠାକାର ସୁରକ୍ଷାକର୍ମୀମାନେ ବ୍ୟବସ୍ଥା କରିଥିବା କୁହାଯାଉଛି। ହେଲେ ଏହି ଉଭୟ ଟିକେଟ ଓ ଟୋକନ ବ୍ୟବସ୍ଥା କରି ମଧ୍ୟ ବହିର୍ବିଭାଗ ନିକଟରେ ରୋଗୀ ଡାକ୍ତରଙ୍କୁ ଦେଖାଇବାକୁ ହନ୍ତସନ୍ତ ହୋଇଛନ୍ତି। ଯେଉଁ ରୋଗୀ ଧାଡିରେ ଟୋକନ ପାଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ, ସେଠାରେ ଅନ୍ୟ ରୋଗୀଙ୍କୁ ଡାକ୍ତର ଦେଖାଇବାକୁ ଆଗ ଛାଡିବାରୁ ଉତ୍ତେଜନା ଦେଖାଦେଇଥିଲା। ଫଳରେ ସୁରକ୍ଷାକର୍ମୀମାନେ ରୋଗୀ ଓ ସମ୍ପର୍କୀୟଙ୍କୁ କିଛି ସମୟ ପାଇଁ ନନ୍‌ଟ୍ରମା କାଜୁଆଲଟିରୁ ବାହାର କରିଦେଇଥିଲେ। ଏସ୍‌ସିବି ମେଡିକାଲରେ ଗୋଟିଏ ନିୟମ ଥିବାବେଳେ କର୍ମଚାରୀମାନେ ନିଜ ଇଚ୍ଛାମୁତାବକ ନିୟମ କରି ରୋଗୀ ସେବାରେ ବିଭ୍ରାଟ କରାଇବା ଘଟଣାକୁ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ମେଡିକାଲକୁ ଢେଙ୍କାନାଳରୁ ଆସିଥିବା ସୋମନାଥ ବେହେରା ଓ ଜଗତସିଂହପୁର ଅଞ୍ଚଳର ପ୍ରଭାତ ମଣ୍ଡଳ କହିଛନ୍ତି, ପ୍ରଥମେ ଟିକେଟ କରିବା ପରେ ଆମକୁ ଏଠାରେ ଥିବା ସୁରକ୍ଷାକର୍ମୀମାନେ ଟୋକନ କରିବାକୁ କହିଥିଲେ। ଆମେ ପ୍ରଶ୍ନ କରିବାରୁ ଏହା ମେଡିକାଲ ନିୟମ ବୋଲି ସେମାନେ କହିଥିଲେ ଏବଂ ଟୋକନ ଦେଇଥିଲେ। ବହୁ ସମୟ ଅପେକ୍ଷା ପରେ ଡାକ୍ତର ଆସିବାରୁ ସୁରକ୍ଷାକର୍ମୀ ଅନ୍ୟ ରୋଗୀଙ୍କୁ ଭିତରକୁ ପଠାଉଛନ୍ତି। ଏହାକୁ ବିରୋଧ କରିବାକୁ ଧକ୍କା ମାରି ବାହାରକୁ ବିଦା କରିଦେଇଛନ୍ତି ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ। ଯଦିଓ କିଛି ଅଭିଯୋଗ ଆସେ ତେବେ ଏଦିଗରେ ପଚରାଉଚରା କରାଯିବ ବୋଲି ରାଏ କହିଛନ୍ତି।



ରୋଗୀଙ୍କୁ ଦିଆଯାଇଥିବା ଟିକଟ୍ ଓ ଟୋକନ୍।



ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟି ପରିସରରେ ରୋଗୀଙ୍କ ସମ୍ପର୍କୀୟ-ସୁରକ୍ଷା କର୍ମୀ ଧସ୍ତାଧସ୍ତି।

# କାହ୍ନୁ ମୃତ୍ୟୁ ଘଟଣାରେ ୨ ଗିରଫ

ଖୁଣ୍ଟୁଣୀ,୧୬।୭(ସଚ୍ଚିଦାନନ୍ଦ ପଣ୍ଡା)



ଦ୍ୱାରାବତୀପୁର ଗ୍ରାମର କାହ୍ନୁ ରାଉତ ମୃତ୍ୟୁ ଘଟଣାରେ ଫେରାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ୨ଜଣ ହେଲେ ମହାକାଳବସ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ ଓ ବଟକୃଷ୍ଣ ସ୍ୱାଇଁ। ବୁଧବାର ଖୁଣ୍ଟୁଣୀ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଏହି ସୂଚନା ଦେଇଛନ୍ତି। ଦୀର୍ଘ ୯ ଦିନ ପରେ ମଧ କାହ୍ନୁ ମୃତ୍ୟୁରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଏସ୍‌ଡିପିଓ ନାୟକ ପୋଲିସ ଏତଲା ପାଇବା ପରେ ତଦନ୍ତ ଆରମ୍ଭ କରି ପ୍ରଥମେ କୃଷ୍ଣଚନ୍ଦ୍ର ଓ ପରେ ବଟକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କଟକ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ ପରେ ଖୁଣ୍ଟୁଣୀ ଥାନା ପକ୍ଷରୁ ତୁରନ୍ତ ୨ଟି ପୋଲିସ ଟିମ୍ ଗଠନ କରାଯାଇ ତଦନ୍ତ ଚାଲୁ ରହିଛି। ତଦନ୍ତରେ ଯିଏବି ସାମ୍ନାକୁ ଆସିବ ତାକୁ କୌଣସି ହାଲତରେ ଛଡା ନ ଯାଇ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଥିଲେ। ୧୨ ଲକ୍ଷ ଟଙ୍କା ବିନିମୟରେ ମାମଲା ରଫାଦଫା କରିବା ପାଇଁ କାହ୍ନୁଙ୍କ ବଡଭାଇ ଅଭିମନ୍ୟୁଙ୍କ ଉପରେ ପୋଲିସ ଚାପ ପକାଇଥିବା କାହ୍ନୁଙ୍କ ସ୍ତ୍ରୀ କରିଥିବା ଅଭିଯୋଗ ବିଷୟରେ ପ୍ରଶ୍ନର ଉତ୍ତରରେ ଏସ୍‌ଡିପିଓ କହିଲେ ସବୁ ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ ହୋଇଥାଏ। ଅଭିଯୋଗ ପୋଲିସ ପାଖକୁ ଆସିନି, ଆସିଲେ ତାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଅନ୍ୟମାନଙ୍କ ବିରୋଧରେ ତଦନ୍ତ ଚାଲୁ ରହିବା ସହ ସେମାନେ ଫେରାର ରହିଥିବାରୁ ତାଙ୍କୁ ଗିରଫ କରିବାକୁ ଟିମ୍ ଉଦ୍ୟମ ଚଳାଇଥିବା ଏସ୍‌ଡିପିଓ କହିଥିଲେ। ଖବରଦାତା ସମ୍ମିଳନୀରେ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବନ୍ଦ ସଫଳ ପାଇଁ କଟକ ସଦର କଂଗ୍ରେସର ବୈଠକ

କଟକ ସଦର,୧୬।୭(ସୁଶାନ୍ତ କୁମାର ଜେନା)

୧୭ତାରିଖରେ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ କଟକ ସଦର କଂଗ୍ରେସ କମିଟି ପ୍ରସ୍ତୁତି ବୈଠକ ବୁଧବାର ଦେଓପୁରଠାରେ ରାମ ଚନ୍ଦ୍ର ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବନ୍ଦ ସଫଳ ପାଇଁ ସମସ୍ତ ବଜାର କମିଟି କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଥିଲା। ୪୨ମୌଜା, କନ୍ଦରପୁର, କିଶୋରନଗରଠାରେ ଧାରଣା ଓ ପ୍ରତିବାଦ ସଭା କରାଯିବ। ଏହି ବନ୍ଦ ସଫଳ କରିବା ପାଇଁ ଦଳୀୟ କର୍ମୀମାନେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମହାନ୍ତି, ନିର୍ମଳ କୁମାର ସ୍ୱାଇଁ, ସୀତାକାନ୍ତ ପଣ୍ଡା, ରଜନୀ କାନ୍ତ ବସ୍ତିଆ, ନିରଞ୍ଜନ ଲେଙ୍କା, ଜୀବନ ଜେନା, ଉଗ୍ରସେନ ଭୂୟାଁ, ରଞ୍ଜନ ନନ୍ଦ, ଶରତ କୁମାର ଦାସ, ଋଷି କାଣ୍ଡି, ଗଜେନ୍ଦ୍ର ମହନ୍ତ, ସେକ ସାହିନ, ରଜତ କୁମାର ବେହେରା, ପ୍ରତାପ ମଲ୍ଲିକ, ସ୍ମୃତିକାନ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ସଦନରେ ଶାନ୍ତିଲତାଙ୍କ ସ୍ମୃତିଚାରଣ

କଟକ,୧୬।୭(କାର୍ତ୍ତିକ ସାହୁ)

ଶାନ୍ତିଲତା କରଙ୍କ ଚତୁର୍ବିଂଶତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଚୌଦ୍ୱାର ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶାନ୍ତିଲତାଙ୍କ ସ୍ମୃତିଚାରଣ ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ସଦନର ଅନ୍ତେବାସୀ ପିଲାମାନେ ଶାନ୍ତିପାଠ ଓ ଭଜନ ପରିବେଷଣ କରିଥିଲେ। ଦିବଂଗତ ଶାନ୍ତିଲତାଙ୍କ ସ୍ୱାମୀ ବଳରାମ କର, ପୁତ୍ର ସୁଧାଂଶୁଭୂଷଣ କର ଓ ପରିବାର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଜୀବିକା ନିର୍ବାହ ନିମନ୍ତେ କୌଶଳ ଶିକ୍ଷା ଜରୁରୀ'




ଜନ ଶିକ୍ଷଣ ସଂସ୍ଥାନରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରଶିକ୍ଷାର୍ଥୀମାନେ।

କଟକ,୧୬।୭(କାର୍ତ୍ତିକ ସାହୁ)

**ଜନ ଶିକ୍ଷଣ ସଂସ୍ଥାନରେ ବିଶ୍ୱ ଯୁବ ଦକ୍ଷତା ଦିବସ**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସ୍କିଲ ଇଣ୍ଡିଆ ମିଶନର ୧୦ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ସିଡିଏସ୍ଥିତ ସଂସ୍ଥାନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନ ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପୂର୍ବତନ ଅତିରିକ୍ତ ସଚିବ କୃଷ୍ଣ ପ୍ରସାଦ ପତି, ମୁଖ୍ୟବକ୍ତା ଭାବେ ସଂସ୍ଥାନ ଅଧ୍ୟକ୍ଷ ତଥା ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ଯୋଗଦେଇ ବିଶ୍ୱ ଯୁବ ଦକ୍ଷତା ଦିବସର ତାତ୍ପର୍ଯ୍ୟ ଓ ବର୍ତ୍ତମାନ ଯୁଗରେ ନିଜର ଜୀବିକା ନିର୍ବାହ ନିମନ୍ତେ କୌଶଳ ଶିକ୍ଷା ଜରୁରି ବୋଲି ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ କୌଶଳ ଶିକ୍ଷାରେ ପ୍ରଶିକ୍ଷଣ ନେଇଥିବା ସଫଳ ଶିକ୍ଷାର୍ଥୀନୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗାଈ ମୃତ

ଚୌଦ୍ୱାର,୧୬।୭(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ କେଦାରେଶ୍ୱର ମୌଜା ଯାଜଭୈରବ ନୂଆଗାଁ ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମରରେ ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଗାଈ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ଅଧିକାରୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ନୂଆଗାଁର ଅମରେନ୍ଦ୍ର ପ୍ରସାଦ କର ନିଜର ୩ଟି ଗାଈ ନେଇ ଚରାଇବାକୁ ନେଉଥିଲେ। ଗୋଟିଏ ଗାଈ ରାସ୍ତା କଡରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ ଗାଈର ମୃତ୍ୟୁ ହୋଯାଇଥିଲା। ସୂଚନା ଯୋଗ୍ୟ ପୂର୍ବରୁ ଉକ୍ତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ୩ଟି ଗାଈ ମୃତ୍ୟୁବରଣ କରିଛନ୍ତି। ଗ୍ରାମବାସୀମାନଙ୍କ ପକ୍ଷରୁ ତାରବାଡ କରିବା ପାଇଁ ବହୁବାର ଦାବି ହୋଇଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ଅଭିଯୋଗ କରିଛନ୍ତି।

# ଚୌଦ୍ୱାର ନଗର କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା




ଗାନ୍ଧୀଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଚୌଦ୍ୱାର,୧୬।୭(ଆଶୁତୋଷ ଦାସ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ରାଜ୍ୟରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ଓ ତାଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା ଗାନ୍ଧୀଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବହାରି ନଗର ପରିକ୍ରମା କରି ପୁଣି କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ମହିଳା ସଭାପତି ମୋନାଲିସା ଦାସ, ରାଜୀବ ମହାନ୍ତି, ହରିହର ପରିଡା, ସୁବାସ ସୁବୁଦ୍ଧିରାୟ, ଅବନୀ ନାୟକ, ଦୀଲୀପ ଭୁୟାଁ, ଜୟନ୍ତୀ ନାଥ, ଅର୍ଣ୍ଣବ ସାମଲ, ସଂଗୀତା ସ୍ୱାଇଁଙ୍କ ସମେତ ସତାଧିକ କର୍ମୀ ସାମିଲ ହୋଇଥିଲେ।

# 'ଭକ୍ତିକୁ ଆଧାର କରି ବଞ୍ଚିବା'

କଟକ,୧୬।୭(କାର୍ତ୍ତିକ ସାହୁ)

**ସନ୍ଥ ନିରଙ୍କାରୀ ମଣ୍ଡଳର ଜୋନ୍‌ସ୍ତରୀୟ ମହିଳା ସମାବେଶ**

ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ଜୋନସ୍ତରୀୟ ନିରଙ୍କାରୀ ମହିଳା ସମାବେଶ ମଧୁପାଟଣା କାଜିଡିହସ୍ଥିତ ସତସଙ୍ଗ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ନିରଙ୍କାରୀ ଅନୁଗାମୀ ମହିଳା ଯୋଗଦେଇଥିଲେ। ସଦଗୁରୁ ମାତା ସୁଦିକ୍ଷା ସବିନ୍ଦର ହରଦେବ ଓ କୋଲକାତାର ଜ୍ଞାନ ପ୍ରଚାରିକା ସନ୍ଥ ଶାନ୍ତିଲତା ଅଗ୍ରୱାଲା ସମାଜରେ ଦୁହିତା, ଭଗ୍ନୀ, ଜାୟା, ଜନନୀ ରୂପରେ ମହିଳାମାନଙ୍କ ଭୂମିକା ଏବଂ ନିରଙ୍କାର ପରବ୍ରହ୍ମଙ୍କର ଉପସ୍ଥିତିକୁ ଉପଲବ୍ଧ କରି ପରିବାରକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ କହିଥିଲେ। ଭୁବନେଶ୍ୱର ଅଞ୍ଚଳ ଅଧିକାରୀ ସତିନ୍ଦର ଗୁରୁନାନୀ ସରଳ ନିରାଡ଼ମ୍ବର ଜୀବନଯାପନ ତଥା ଭକ୍ତିକୁ ଆଧାର କରି ବଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ। ଅଞ୍ଚଳର ଅଧିକାରୀ ବସନ୍ତ ତ୍ରିପାଠୀ ଏବଂ କଟକ ମୁଖ୍ୟ ରାଜିନ୍ଦର ଗୁରୁନାନୀଙ୍କ ତତ୍ତ୍ୱାବଧାନରେ ପଦ୍ମିନୀ ପଟ୍ଟନାୟକ, ଗୀତାଞ୍ଜଳି ସ୍ୱାଇଁ, ଉର୍ମିଳା ମହାନ୍ତି, ମାନସୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଙ୍କାରୀ ସେବାଦଳ ସଦସ୍ୟମାନେ ସହଯୋଗ କରିଥିଲେ।

# ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ଥିତି ଅନୁଧାନ କଲା କୃଷି ବିଭାଗ

ମଙ୍ଗୁଳି-ଜଗତପୁର,୧୬।୭(ମାନସ ସାମଲ)

**କମ୍ପାନୀ ଭୂତଳ ଜଳ ବ୍ୟବହାର ଓ ନିଶାଯୁକ୍ତ ବର୍ଜ୍ୟଜଳ ଛାଡିବା, ବିପଦରେ ବନ୍ୟଜନ୍ତୁ ଘଟଣା**

**ଧରିତ୍ରୀ ପ୍ରଭାବ**

ଟାଙ୍ଗୀ-ଚୌଦାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତ ବରପଦାସ୍ଥିତ ଏକ ବିୟର କମ୍ପାନୀ ଚାଷଜମିକୁ ନିଶାଯୁକ୍ତ ବର୍ଜ୍ୟଜଳ ଛାଡ଼ିବା, ଭୂତଳ ଜଳ ବ୍ୟବହାର ସହ ବନ୍ୟଜନ୍ତୁଙ୍କୁ ବିପଦରେ ପକାଉଥିବା ନେଇ ଅଭିଯୋଗ ହୋଇଥିଲା। କମ୍ପାନୀର ମନମାନିରେ ଅତିଷ୍ଠ ହୋଇ ୩ଜଣ ସ୍ଥାନୀୟ ଚାଷୀ ତହସିଲଦାରଙ୍କ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପ୍ରଜ୍ୟାୟକ୍ରମେ ଏକାଧିକ ଥର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗ୍ରାମୀଣ ଜଳ ଯୋଗାଣ ଏବଂ ଏହା ପରିମଳ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଶିଳ୍ପ ଅଧିକାରୀ, କାରଖାନା ଏବଂ ବଏଲସ ନିର୍ଦ୍ଦେଶାଳୟ ଓଡ଼ିଶା, ଅବକାରୀ ଅଧୀକ୍ଷକଙ୍କ ସମେତ ଅତିରିକ୍ତ ଜିଲାପାଳ ଓ ତହସିଲଦାରଙ୍କ ସହ ଅନ୍ୟ ଅଧିକାରୀମାନେ କମ୍ପାନୀ ସହ ଚାଷର ସ୍ଥିତି ଅନୁଧାନ କରିଥିଲେ। ଏ ନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପରେ ବୁଧବାର କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷି ଗ୍ରାମୀଣ ଅଧିକାରୀ ରାଇଦାସ ସିଂ ସହ ବଇଁଚୁଆ ରାଜସ୍ୱ ନୀରିକ୍ଷକ ହେମନ୍ତ ରାଉଳ ସ୍ଥିତି ଅନୁଧାନ କରି ଫେରିଯାଇଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ନୀରିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଆଣିଥିବା ଚାଷୀଙ୍କ ଉପସ୍ଥିତିରେ ସ୍ଥିତି ଅନୁଧାନ କରାଯାଇଛି। ପ୍ରାୟ ୨ହେକ୍ଟର ଚାଷ ଜମିରେ ପାଚେରି ନିର୍ମାଣ କରି କମ୍ପାନୀ ନିଶାଯୁକ୍ତ ବର୍ଜ୍ୟଜଳ ଛାଡିଥିବା ଦେଖିବାକୁ ପାଇଥିଲି। ସେଥିପାଇଁ ଚାଷ ନ ହୋଇ ଜମି ପଡିଆପଡିଛି। ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଫୋନରେ ଅବଗତ କରାଇ ରିପୋର୍ଟ ପ୍ରଦାନ କରିଛି। ପ୍ରକାଶ ଥାଉକି, ପୂର୍ବରୁ ଅନ୍ୟ ଏକ ସଂସ୍ଥା ବିୟର କମ୍ପାନୀ କରି ଚାଷଜମିକୁ ନିଶାଯୁକ୍ତ ବର୍ଜ୍ୟ ଜଳ ଛାଡ଼ି ଚାଷୀଙ୍କୁ ହଇରାଣ କରି ଆସୁଥିଲା। ଚାଷୀଙ୍କ ଅଭିଯୋଗକୁ ଭିତ୍ତିକରି ୨୦୧୨ ଡିସେମ୍ବର ୭ରେ କୃଷି ବିଭାଗ ସ୍ଥିତି ଅନୁଧାନ କରି ପୂର୍ବ କମ୍ପାନୀକୁ ସିଲ କରିଥିଲା। ସେହିପରି ପ୍ରଶାସନ କମ୍ପାନୀ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ନେଉଛି ନ୍ୟାୟ ଅପେକ୍ଷା ଚାଷୀ।

## ଫଟୋରେ ଖବର




ଏଫ୍.ଏମ୍. ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବୁଧବାର ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।




ଏଫ୍.ଏମ୍. ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବୁଧବାର ଜିଲା କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ବାଦାମବାଡ଼ିରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

**ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା, ଯୁବ କଂଗ୍ରେସ ପକ୍ଷରୁ ଦୀପଦାନ**

ସାକ୍ଷୀଗୋପାଳ,(ଭରତ ରାଉତ): ସାକ୍ଷୀଗୋପାଳ ଓଡ଼ିଆ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ସତ୍ୟବାଦୀ ଯୁବ କଂଗ୍ରେସ ପକ୍ଷରୁ ଦୀପଦାନ ଓ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ ଓ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ରଙ୍କ ଆହ୍ୱାନକ୍ରମେ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ଦୀପଦାନ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୭।୨୦୨୫

| | |
|---|---|
| ୬,୧୫,୪୪୬ ଟଙ୍କା | |
| ସୁନା | ୧ ଗ୍ରାମ |
| ରୁପା | ୩.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଜୁଆ ଖେଳ ବେଳେ ଚଢ଼ାଉ: ୫ ଗିରଫ

ପୁରୀ, ୧୬।୭ (ଅଜିତ କୁମାର ମହାନ୍ତି)

ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ଜୁଆ ଖେଳିବା ଅଭିଯୋଗରେ ସଦର ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚଲାଣ କରିଛି। ଗିରଫ ଜୁଆଡ଼ିମାନଙ୍କ ଠାରୁ ୨ ମୁଠା ତାସ ସହ ୭୬୦୦ ଟଙ୍କା ଜବତ କରିଛି। ଗିରଫ ଜୁଆଡ଼ିମାନେ ହେଲେ ପଶ୍ଚିମବଙ୍ଗର ତରୁଣ କୁମାର ଦେ(୫୦), ସ୍ୱରୂପ ହାଲଦାର(୨୪), ମଦନ ଘୋଷ(୫୨), ଚନ୍ଦ୍ରନାଥ ଘୋଷ(୫୨) ଏବଂ ପ୍ରଭାତ କୁମାର ଦେ(୪୮) ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ସଦର ଥାନା ଏଏସ୍‌ଆଇ ରତ୍ନଜିତ ବେହେରା ସଦଳବଳ ମାଳତୀପାଟପୁର, ବୀରହରେକୃଷ୍ଣପୁର ଏବଂ ବାଟ ଗାଁ ନିକଟରେ ପଇଁତରା ମାରୁଥିବା ବେଳେ ବିଶ୍ୱସ୍ତସୂତ୍ରରୁ ଖବରପାଇ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରି ୫ଜଣ ଜୁଆଡ଼ିଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପୁଲିସ ଜୁଆଡ଼ିଙ୍କ ବିରୋଧରେ ଓପିଜି ଆକ୍ଟରେ ମାମଲା ରୁଜୁ କରି ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି।

### ବିଶ୍ୱ ଯୁବ କୌଶଳ ଦିବସ ପାଳିତ

ପୁରୀ, ୧୬।୭ (ଅଜିତ କୁମାର ମହାନ୍ତି)

ରୁଆଘିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ମଙ୍ଗଳବାର ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ଗ୍ରାମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାଶିବ ବିଶ୍ୱାଳ ଏବଂ ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷା ଦୀପ୍ତି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପ ଅନୁଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ ତୁଷାର ରଞ୍ଜନ ସାହୁ, ଅରୁଣ କୁମାର ମୁର୍ମୁ, ଲୋଚନା ନାଏକ, ବିଶ୍ୱନାଥ ବେହେରା, ବରିଷ୍ଠ ସହାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସମୀର ସାହୁ, ସଂଘମିତ୍ରା ସାହୁ, ଟାଟା ଷ୍ଟ୍ରାଇଭର ପ୍ରଶିକ୍ଷକ ଜିତେନ୍ଦ୍ର ସାମଲ ପ୍ରମୁଖ ଅଭିଭାଷଣ ଦେଇଥିଲେ। କୌଶଳ ଶିକ୍ଷା ଓ ତାହାର ଅଭ୍ୟାସର ଗୁରୁତ୍ୱ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। କୌଶଳ ପ୍ରଦର୍ଶନୀ, ବ୍ୟବସାୟିକ ପ୍ରତିଯୋଗିତା ଓ ବ୍ୟବସାୟ କ୍ଷେତ୍ରରେ ସଫଳତା କାହାଣୀ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜ କ୍ଷମତା ପ୍ରଦର୍ଶନ କରିଥିଲେ।

# ବିହୁଡ଼ା, ପୋଇତରାରେ ମାଙ୍କଡ଼ ଆତଙ୍କ

## ୨ ଦିନରେ ୧୫ରୁ ଊର୍ଦ୍ଧ୍ୱ ଆହତ

ଗୋପ, ୧୬।୭ (ଭାରତୀ ଭୂଷଣ ଉପାଧ୍ୟାୟ)



ମାଙ୍କଡ଼କୁ ଜଗିଥିବା ବନ କର୍ମଚାରୀମାନେ।



ଆକ୍ରମଣରେ ଆହତ ହୋଇଥିବା ବୃଦ୍ଧ।

ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ଅଧୀନ ବିହୁଡ଼ା ଓ ପୋଇତରାରେ ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ୨ ଦିନରେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟମାନେ ସ୍ଥାନୀୟ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ୩ଜଣଙ୍କ ମଧ୍ୟରୁ ୨ଜଣ ପୁରୀ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଜଣେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼ ଧରିବାକୁ ଯାଇଥିବା ଗୋପ, କୋଣାର୍କ ବନ ବିଭାଗର ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ମାଙ୍କଡ଼ ଆକ୍ରମଣ କରିବା ଫଳରେ ସେମାନେ ଆହତ ହୋଇଛନ୍ତି। ଆହତମାନେ ହେଲେ ରେଖା ପ୍ରଧାନ (୫୫), କମଳାକାନ୍ତ ପ୍ରଧାନ (୬୧), ଛାତ୍ର ରୋହିତ ସ୍ୱାଇଁ, କାର୍ତ୍ତିକ ବାରିକ (୪୯), ଦୀନକୃଷ୍ଣ ମଲ୍ଲିକ(୫୫), ଈଶ୍ୱର ନାୟକ(୭୬), ରବୀନ୍ଦ୍ର ନାୟକ (୬୦), ବାବୁଲା ସାହୁ (୪୨), ଚକ୍ରଧର ସାହୁ (୪୫), ଦିବ୍ୟସିଂହ ନାୟକ (୬୧), ବନ ବିଭାଗ ଡ୍ରାଇଭର୍ ସୁକାନ୍ତ କୁମାର କାନ୍ତି(୩୫) ଓ କର୍ମଚାରୀ ସୁବ୍ରତ କୁମାର ସାହୁ(୪୯)।

କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶରେ ଏକ ୧୫ ଜଣିଆ ଟିମ୍ ମାଙ୍କଡ଼କୁ କାବୁ କରିବା ଲାଗି ଯନ୍ତା ବସାଇଛନ୍ତି। ମାଙ୍କଡ଼ ଆକ୍ରମଣ ଯୋଗୁ ବିହୁଡ଼ା ଓ ପୋଇତରା ଗାଁର ଛାତ୍ରୀଛାତ୍ରମାନେ ସ୍କୁଲ୍, କଲେଜ ଯାଉ ନ ଥିବା ଜଣାପଡ଼ିଛି। ତୁରନ୍ତ ଏହି ମାଙ୍କଡ଼କୁ ଧରିବା ଲାଗି ସରପଞ୍ଚ ମିନା କୁମାରୀ ମହାନ୍ତି ଓ ସମିତିସଭ୍ୟ ତଥା ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି। ଏନେଇ ଏସିଏଫ୍ ଅଶୋକ କୁମାର ବେହେରା କହିଛନ୍ତି, ୨ ଦିନ ହେବ ମାଙ୍କଡ଼କୁ ଧରିବା ପାଇଁ ଯନ୍ତା ବସାଯାଇଛି। ହେଲେ ମାଙ୍କଡ଼ଟି ଧରାପଡ଼ୁ ନାହିଁ। ଉତ୍ପାତକାରୀ ମାଙ୍କଡ଼କୁ ଧରିବା ପାଇଁ ଗୁରୁବାର ନନ୍ଦନକାନନରୁ ଏକ ସ୍ୱତନ୍ତ୍ର ଟିମ୍ ଆସିବେ ବୋଲି ସେ କହିଛନ୍ତି।

# ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ଯୁବ ଦକ୍ଷତା ଦିବସ ପାଳିତ

ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

ପୁରୀ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ଜନଶିକ୍ଷଣ ସଂସ୍ଥାନ ତରଫରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦକ୍ଷତା ଭାରତ ମିଶନର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଶ୍ୱନାଥ ବଳିୟାରସିଂ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ସୁକାନ୍ତ ମହାନ୍ତି ଯୋଗଦେଇଥିଲେ। ଧନ୍ଦାମୂଳକ ଶିକ୍ଷା ଦ୍ୱାରା ଛାତ୍ରୀମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କର୍ମଶାଳାରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେବା ସହ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟକ୍ଷ ବିଶ୍ୱନାଥ ବଳିୟାରସିଂ, ପ୍ରଫେସର ସୁକାନ୍ତ ମହାନ୍ତି, ଅଧ୍ୟାପକ କମଳଲୋଚନ ପ୍ରଧାନ, ଅଧ୍ୟାପିକା ନିର୍ଲିପ୍ତା ଦାସ, ଅଶୋକ କୁମାର ପ୍ରଧାନ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନରେ ଜନଶିକ୍ଷଣ ସଂସ୍ଥାନର ଭୂମିକା, ଏହି ଦିବସ ପାଳନର ଉଦ୍ଦେଶ୍ୟ ତଥା ଲକ୍ଷ୍ୟ, ସ୍କିଲ୍ ଇଣ୍ଡିଆ ମିଶନ କାର୍ଯ୍ୟକ୍ରମର ଦଶବର୍ଷ ପୂର୍ତ୍ତି ପାଳନ ଅବସରରେ ସଫଳତା ବଖାଣିଥିଲେ। ଜିଲା ପ୍ରୋଗ୍ରାମ ଅଫିସର ଶଶିଭୂଷଣ ଦଉ କର୍ମଶାଳା ସଞ୍ଚାଳନ କରିଥିଲେ। ନିକି ପ୍ରଧାନ, ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ବାଦଲ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଉ ଦେଖିବାକୁ ମିଳୁନି ତାଳପତ୍ର ପଖିଆ

ଯୋଗେଶ୍ୱରପୁର, ୧୬।୭ (ରଶ୍ମି ରଞ୍ଜନ ସାହୁ)



ବର୍ଷାଋତୁରେ ଗାଁ ଗହଳିରେ ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକଙ୍କ ଘରେ ବା ପରିବାରରେ ତାଳପତ୍ର ପଖିଆ ଦେଖିବାକୁ ମିଳୁଥିଲା। ବର୍ଷା ହେଲେ ଚାଷୀ ତାଳପତ୍ର ପଖିଆକୁ ବ୍ୟବହାର କରୁଥିଲେ। ଆଜିକାଲି ଚାଷୀଠାରୁ ଆରମ୍ଭ କରି ଶ୍ରମିକ ପର୍ଯ୍ୟନ୍ତ ବର୍ଷା ସମୟରେ ପଖିଆ ପରିବର୍ତ୍ତେ ଛତା ଓ ରେନ୍‌କୋଟ ବ୍ୟବହାର କରୁଛନ୍ତି। ଫଳରେ ତାଳପତ୍ର ପଖିଆ ଚାହିଦା କମିଯାଇଛି, ଯଦ୍ୱାରା ପଖିଆ କାରିଗରଙ୍କ ବ୍ୟବସାୟ ଧୀରେ ଧୀରେ କମିଯିବାରୁ ସେମାନେ ଜୀବିକା ହରାଇବାକୁ ବସିଛନ୍ତି।

ଦିନ ଥିଲା ପଖିଆ ଚାଷୀମାନଙ୍କ ସାଥୀ ଥିଲା। ଘରୁ ବାହାରିଲେ ବର୍ଷାରେ ମୁଣ୍ଡରେ ପଖିଆ ମଡ଼ାଇ ବିଲକୁ ଯାଉଥିଲେ। ଏବେ ବଦଳି ଯାଇଛି। ସମୟ ବର୍ତ୍ତମାନ ପଖିଆ ସ୍ଥାନରେ ରେନ୍‌କୋଟ ଓ ଛତା ସ୍ଥାନ ପାଇଛି। ଗରିବ ଶ୍ରେଣୀର ଲୋକ ତାଳପତ୍ର ପଖିଆ ତିଆରି କରି ତାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଛତା ଓ ରେନ୍‌କୋଟ ଚାହିଦା ଏବଂ ବିକ୍ରି ବୃଦ୍ଧି ଫଳରେ ଲୋକେ ଆଉ ପଖିଆକୁ ବ୍ୟବହାର କରିବାକୁ ଚାହୁଁନାହାନ୍ତି। ପଖିଆ ନିର୍ମାଣ କରୁଥିବା କାରିଗର ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ସରକାରଙ୍କ ପକ୍ଷରୁ ପଖିଆ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ପୁରୀର ଅଭିଜିତ ତ୍ରିପାଠୀ 'ଓଡ଼ିଶା ଯୋଗ କୁମାର'



ଯୋଗାସନରେ କୃତିତ୍ୱ ଅର୍ଜନ କରିଥିବା ଯୋଗ ଛାତ୍ରୀଛାତ୍ରମାନେ।

ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୧୨ ଓ ୧୩ ତାରିଖରେ କଟକର ଚୌଧୁରୀବଜାରସ୍ଥିତ କଳିଙ୍ଗା ଜିମ୍ନାସିୟମ୍‌ରେ ଓଡ଼ିଶା ଯୋଗାସନ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲା ଯୋଗାସନ ଆସୋସିଏଶନ୍ ମାଧ୍ୟମରେ ୪୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପୁରୀ ଜିଲାର ଅଭିଜିତ ତ୍ରିପାଠୀ 'ଓଡ଼ିଶା ଯୋଗକୁମାର-୨୦୨୫' ଟାଇଟଲ ଜିତିଛନ୍ତି। ସାଧାରଣ ଯୋଗାସନ ଶ୍ରେଣୀରେ କିଶନ ରଥ (୧୬-୧୮ ବୟସ ଶ୍ରେଣୀ), ତନିଷା ସାହୁ (୧୨-୧୪) ଓ ଫାଲ୍‌ଗୁନୀ ବେହେରା (୧୪-୧୬) ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ୧୬ଜଣ ସାଧାରଣ ଓ ୫ଜଣ ଶିଳ୍ପ ଯୋଗାସନ ଶ୍ରେଣୀରେ ବିଜୟୀ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଛି। ସଭାପତି ଜନ୍ମେଶ୍ୱର ଖୁଣ୍ଟିଆ, କୋଷାଧ୍ୟକ୍ଷ ସଦାନନ୍ଦ ପୂଜାପଣ୍ଡା, ଯୁଗ୍ମ ସଚିବ ଲୋକନାଥ ପୂଜାପଣ୍ଡା ଓ ସଂକେତ କୁମାର ସେଠୀ ଉପସ୍ଥିତ ରହି ଟିମ୍‌କୁ ମାର୍ଗଦର୍ଶନ ଦେଇଥିଲେ। ସଭାପତି ଖୁଣ୍ଟିଆ କହିଛନ୍ତି, ପ୍ରତିଯୋଗୀମାନଙ୍କ ଏହି ସଫଳତା ପଛରେ ପୁରୀ ଜିଲା ଯୋଗାସନ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଆସୋସିଏଶନ ନୂତନ ପ୍ରତିଭାଙ୍କୁ ଖୋଜି ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରସ୍ତୁତ କରିବା ଦିଗରେ ଲାଗିଛି। ଚଳିତବର୍ଷ ଛାତ୍ରୀଛାତ୍ରମାନେ ଯେଉଁଭଳି ସଫଳତା ଆଣିଛନ୍ତି, ତାହା ଅତି ଗର୍ବର ବିଷୟ। କୃତୀ ପ୍ରତିଯୋଗୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନାକରି ମଙ୍ଗଳବାର ସିଂହଦ୍ୱାରଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପୁରୀ ଜିଲା ଯୋଗାସନ ଆସୋସିଏଶନ ସଂସ୍ଥାପକ ରମାକାନ୍ତ କର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉଦ୍ଧାର ପାଇଁ ଏସ୍‌ପିଙ୍କୁ ଗୁହାରିକଲେ ପରିବାର

## ନାବାଳିକା ଅପହରଣ ଘଟଣା

ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

କଣାସ ଥାନା ଅନ୍ତର୍ଗତ ଜଙ୍ଘାର ଅଞ୍ଚଳର ନାବାଳିକାଙ୍କୁ କେହି ଦୁର୍ବୃତ୍ତ ଗତ ୨୦ ତାରିଖରେ ଅପହରଣ କରିନେଇଥିବା କଣାସ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାକୁ ୨୭ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ନାବାଳିକାଙ୍କ ପରିବାର ଲୋକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୨୦ ତାରିଖରେ ପରିବାର ଲୋକ ଖାଇପିଇ ଶୋଇଥିଲେ। ରାତି ୧୨ଟାରେ ଉଠି ଦେଖିଲାବେଳକୁ ଝିଅ ଘରେ ନ ଥିଲା। ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ଘରେ ପଶି ଝିଅକୁ ଜବରଦସ୍ତ ଉଠାଇ ନେଇଯାଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। ଗତ ମାସ ୨୦ ତାରିଖରୁ ଅଭିଯୋଗ ହୋଇଥିଲେ ମଧ୍ୟ କଣାସ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରିକି ପିପିଲି ଏସ୍‌ଡିପିଓ, ମହିଳା କମିଶନଙ୍କୁ ଏନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ଦୁଇଦିନ ତଳେ ଏସ୍‌ପିଙ୍କୁ ସ୍ପିଡ୍ ପୋଷ୍ଟରେ ଅଭିଯୋଗ ଜଣାଇବା ସହ କାର୍ଯ୍ୟାଳୟକୁ ଯାଇ ଅଭିଯୋଗପତ୍ର ଦେଇଛୁ। ଘଟଣାକୁ ଗୁରୁତ୍ୱର ସହ ନେଇ ଝିଅକୁ ଖୋଜି ଆଣିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡ଼ିତାଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି।

# ଅଷ୍ଟମ ଛାତ୍ର ଅନନ୍ତ ଯକୃତ ରୋଗରେ ପୀଡ଼ିତ

କଣାସ, ୧୬।୭ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ଖାରଦ ପଞ୍ଚାୟତ ବୀରତୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ପୁଅ ଅନନ୍ତ ବରାଳ ଯକୃତ ରୋଗରେ ପୀଡିତ ହୋଇ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସେ ଅଷ୍ଟମ ଶ୍ରେଣୀର ଛାତ୍ର। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା କାର୍ଡରେ ଥିବା ୫ଲକ୍ଷ ଟଙ୍କା ଶେଷ ହୋଇଯାଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ପିତା ପୂର୍ଣ୍ଣଚନ୍ଦ୍ର ବରାଳ ଜଣେ ଭୂମିହୀନ ଓ ଦାଦନ ଶ୍ରମିକ ଭାବେ ଗୁଜରାଟରେ କାମ କରୁଛନ୍ତି। ଅନନ୍ତଙ୍କ ଜୀବନ ରକ୍ଷା ପାଇଁ ବଦାନ୍ୟ ବ୍ୟକ୍ତିମାନେ ସହାୟତା କରିବାକୁ ପିତା ପୂର୍ଣ୍ଣଚନ୍ଦ୍ର ବରାଳ ନିବେଦନ କରିଛନ୍ତି। ଫୋନ୍ ପେ ନଂ-୭୩୭୭୨୭୮୩୬୭ କିମ୍ବା ବ୍ୟାଙ୍କ ଅଫ୍ ବରୋଦା, ଆକାଉଣ୍ଟ ନଂ-୨୦୪୮୧୦୦୦୧୯୩୯୦ରେ ସହାୟତା ଦେବାପାଇଁ ଅନନ୍ତଙ୍କ ପିତା ପୂର୍ଣ୍ଣଚନ୍ଦ୍ର ଅନୁରୋଧ କରିଛନ୍ତି।

# ଡାକ୍ତର ନବକିଶୋର ରାଉତଙ୍କ ପରଲୋକ

ପିପିଲି, ୧୬।୭ (ଦୁର୍ଗା ମାଧବ ମିଶ୍ର)

ପିପିଲି ଅଞ୍ଚଳର ଡାକ୍ତର ନବକିଶୋର ରାଉତ(୮୫)ଙ୍କ ବୁଧବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପିପିଲି, ଡେଲାଙ୍ଗରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡା. ରାଉତଙ୍କୁ ଶେଷ ଦର୍ଶନ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ଭୁବନେଶ୍ୱର ବାସଭବନରୁ ମଙ୍ଗଳପୁରସ୍ଥିତ ବାସଭବନକୁ ତାଙ୍କ ପାର୍ଥିବ ଶରୀର ନିଆଯାଇଥିଲା। ଖବରପାଇ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ ଶେଷ ଦର୍ଶନ କରିଥିଲେ। ଡା. ରାଉତ ଖାଲି ଡାକ୍ତର ନ ଥିଲେ, ସେ ଜଣେ ବିଶିଷ୍ଟ ସାମାଜିକ କର୍ମୀ, ନିଃସ୍ୱାର୍ଥପର ରୋଗୀସେବା, ନିରାଡ଼ମ୍ବର ଜୀବନଯାପନ, ସାଧୁସନ୍ଥଙ୍କ ଭଳି ଜୀବନଶୈଳୀ ବିତାଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଡା. ରାଉତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ନୀଳାଦ୍ରି ରାଉତ ମୁଖାଗ୍ନି ଦେଇଥିଲେ।

# ବନ୍ଦ ଡାକରା ସଫଳ କରିବାକୁ କଂଗ୍ରେସ, ବାମପନ୍ଥୀ ଦଳର ଆହ୍ୱାନ




ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

ବାଲେଶ୍ୱର ଫକୀର ମୋହନ କଲେଜରେ ଘଟିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁର ନ୍ୟାୟିକ ତଦନ୍ତ, ମହିଳା ସୁରକ୍ଷା, ଉଚ୍ଚ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ଏମ୍‌ପି, ବିଧାୟକଙ୍କ ଇସ୍ତଫା ଦାବି କରି ଭାରତୀୟ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ଡାକରାର ଉଦ୍ଦେଶ୍ୟ ଓ ଡାକରାକୁ ସଫଳ କରିବା ନେଇ ଜିଲା କଂଗ୍ରେସ ଓ ବାମ ପନ୍ଥୀ ଦଳ ପକ୍ଷରୁ ବୁଧବାର ଅପରାହ୍ନରେ ସ୍ଥାନୀୟ ବଳଗଣ୍ଡି ଛକ ସ୍ଥିତ ଭକ୍ତ ସାଲବେଗ ପୀଠ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଇଂ. ରାଜେଶ କୁମାର ମିଶ୍ର, ସୁରେନ୍ଦ୍ର ଜେନା, ଶରତ କୁମାର ରାୟଗୁରୁ, ସୁକାନ୍ତ କୁମାର ପ୍ରଧାନ, ଜଗନ୍ନାଥ ଦେଓ, ବ୍ରଜ ପ୍ରଧାନ, ବିଦ୍ୟୁଲତା ଆଚାର୍ଯ୍ୟ, ସୀତାକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ପାଇଁ କୁକୁଡ଼ା ଚାଷୀଙ୍କ ଧାରଣା

ପିପିଲି, ୧୬।୭ (ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଭେଟେରିନାରି ଅଫିସ ସମ୍ମୁଖରେ ପୋଲ୍‌ଟ୍ରି ଫାର୍ମର୍ସ ଫେଡେରେଶନ ତରଫରୁ ପିପିଲି ବାର୍ଡ ଫ୍ଲୁ ଆକ୍ରାନ୍ତ କୁକୁଡ଼ାର ନମୁନା ପରୀକ୍ଷଣ ପାଇଁ ଓ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଗଣଧାରଣା ଦିଆଯାଇଥିଲା। ପୋଲ୍‌ଟ୍ରି ଫାର୍ମର୍ସ ଡେଭଲପ୍‌ମେଣ୍ଟ ଫୋରମ୍ (ପିଏଫ୍‌ଡିଏଫ୍)ର ରାଜ୍ୟ ସଭାପତି ଅଶୋକ ପ୍ରଧାନ, ବିଜୟ କୁମାର ସାମନ୍ତରାୟ, ସ୍ମୃତି ରଞ୍ଜନ ପାଇକରାୟ, ମଧୁସୂଦନ ରାୟ, ମଧୁସୂଦନ ଖଟୋଇ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ କୁକୁଡ଼ା ଫାର୍ମ ମାଲିକମାନେ ଉପସ୍ଥିତ ଥିଲେ। ୧୮ ତାରିଖ ସୁଦ୍ଧା କୁକୁଡ଼ା ଫାର୍ମରୁ ନମୁନା ସଂଗ୍ରହ କରାଯିବ ବୋଲି ବ୍ଲକ ଭେଟେରିନାରି ଅଫିସର୍ (ବିଭିଓ) ଘୋଷଣା କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା: ଏଏପିର ପ୍ରତିବାଦ



ପ୍ରତିବାଦରେ ଉପସ୍ଥିତ ଏଏପିର କର୍ମକର୍ତ୍ତାମାନେ।

ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ଏଏପି ପକ୍ଷରୁ ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରତିବାଦ କରାଯାଇଛି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ସାରା ଭାରତରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀ ଜଣକ ମନ୍ତ୍ରୀ, ବିଧାୟକ, ଏମ୍‌ପି, ଅଧ୍ୟକ୍ଷ ସମସ୍ତଙ୍କୁ ତାଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଏହି ଘଟଣାରେ ଭାଜପା ସରକାରଙ୍କ ନିଷ୍କ୍ରିୟତା ଓ ଅପାରଗତାର ପ୍ରମାଣ ମିଳିଥିଲା। ଛାତ୍ର ସଙ୍ଗଠନର ଜଣେ ନେତ୍ରୀଙ୍କୁ ଯଦି ଭାଜପା ସରକାର ନ୍ୟାୟ ଦେଇପାରୁନି, ତେବେ ରାଜ୍ୟର ମା'ଭଉଣୀଙ୍କୁ କି ନ୍ୟାୟ ଏବଂ ସୁରକ୍ଷା ଦେବେ ବୋଲି ଏଏପି ପ୍ରଶ୍ନ କରିଛି। ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରାଯାଉ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ସଞ୍ଜୀବ ମହାନ୍ତି, ସମ୍ପାଦକ ସତ୍ୟଜିତ ମହାନ୍ତି, ଅନିଲ ସେନାପତି, ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ମହିଳା ସମ୍ପାଦିକା ସନ୍ଧ୍ୟା ଦାସ, ସମିନା ନାୟକ, ପାର୍ବତୀ ପ୍ରଧାନ, ଉପସଭାପତି ରବୀନ୍ଦ୍ର ସାହୁ, ଯୁବ ସଭାପତି ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆଗାଁ କେନାଲବନ୍ଧ ରାସ୍ତା ତଦାରଖ କଲେ ଅଧୀକ୍ଷଣ ଯନ୍ତ୍ରୀ

ବଳଙ୍ଗା, ୧୬।୭ (କେଦାରେଶ୍ୱର ନନ୍ଦ)



କେନାଲ ବନ୍ଧ ରାସ୍ତାର ସ୍ଥିତି ପରଖୁଛନ୍ତି ଅଧିକାରୀମାନେ।

ବଳଙ୍ଗା ଜଳସମ୍ପଦ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେବାର ୧୫ ଦିନ ନ ପୂରୁଣୁ ସାଇଡ୍ ବାଡ଼ ଭୁଶୁଡ଼ି ପଡ଼ିଥିବା ବେଳେ ରାସ୍ତା ଫାଟି ଦବିଗଲାଣି। ଏନେଇ ନିମାପଡ଼ା ଓ ସତ୍ୟବାଦୀ ବ୍ଲକ୍‌ର ୪୦ରୁ ଊର୍ଦ୍ଧ୍ୱ ଗାଁ ଲୋକେ ଚିନ୍ତାରେ। ସତ୍ୟବାଦୀ ବ୍ଲକ, ପୁରୀ ସଦର ବ୍ଲକକୁ ସଂଯୋଗ କରୁଥିବା ନୂଆଗାଁ ମାଇନର କେନାଲ ବନ୍ଧ ମୁଖ୍ୟରାସ୍ତା ବଳଙ୍ଗା ଉଗ୍ରେଶ୍ୱର ଦେଉଳିରୁ ସତ୍ୟବାଦୀ ବ୍ଲକ ପଦ୍ମପୁର ପର୍ଯ୍ୟନ୍ତ ପ୍ରାୟ ୧୫ କି.ମି.ରୁ ଅଧିକ କେନାଲ ବନ୍ଧ ରାସ୍ତା ଓସାରିଆ ସହ ପିଚୁ ରାସ୍ତା ଇରିଗେଶନ ଡିପାର୍ଟମେଣ୍ଟ ତରଫରୁ ପୃଥକ୍ ପୃଥକ୍ ଭାବେ ଠିକାଦାର ମାଧ୍ୟମରେ କାର୍ଯ୍ୟ କରାଯାଇଛି, କିନ୍ତୁ ନିୟମ ଅନୁସାରେ ରାସ୍ତା ସମ୍ପ୍ରସାରଣ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ପାଖାପାଖି ୪ ଫୁଟ୍ ଓସାର କରାଯିବାର ବ୍ୟବସ୍ଥା ରହିଥିବା ବେଳେ ମାତ୍ର ଅଳ୍ପ ବାଟ ତରବରିଆ ଭାବେ ମାଟି ପୋତି ପିଚୁ ପକାଇ ଦେଇଛନ୍ତି। ସାମାନ୍ୟ ବର୍ଷାରେ ରାସ୍ତାର ପାର୍ଶ୍ୱମାଟି ସବୁ ଭୁଶୁଡ଼ି ପଡ଼ିଥିବା ବେଳେ ଅନେକ ସ୍ଥାନରେ ପିଚୁ ଫାଟି ଆଁ କଲାଣି। ଏପଟେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଭିଯୋଗ ହେବା ପରେ ବୁଧବାର ଅପରାହ୍ନରେ ନିମାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଲ, ଭୁବନେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ବିକାସ ସେଠୀ, ସୁଜଟ ଟହଲ, ବଳଙ୍ଗା ଉପଖଣ୍ଡ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନିର୍ମିତ ରାସ୍ତାକୁ ଅନୁଧ୍ୟାନ କରିଥିଲେ। ଉଭୟ ପାର୍ଶ୍ୱରେ ଗାଡ଼ିଆ ଓ ଖାଲଥିବାରୁ ଏବଂ ଟ୍ରକ, ହାଇୱା ଯିବା ଫଳରେ ରାସ୍ତା ପାର୍ଶ୍ୱ ଫାଟୁଥିବା ଜଣାପଡ଼ିଛି। କେନାଲବନ୍ଧ ରାସ୍ତାରେ ଗାର୍ଡ଼ୱାଲ୍ କରାଯିବା ପାଇଁ ସ୍ଥିର କରାଯାଇଛି।

# କୃଷ୍ଣପ୍ରସାଦରେ ବାର୍ଡ ଫ୍ଲୁ

କୃଷ୍ଣପ୍ରସାଦ, ୧୬।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ବାର୍ଡ ଫ୍ଲୁ ବ୍ୟାପିବାରେ ଲାଗିଛି। କୁକୁଡ଼ା ଫାର୍ମରେ ଅନେକ ହଜାର ସଂଖ୍ୟାରେ କୁକୁଡ଼ାଙ୍କ ମୃତ୍ୟୁ ହେଉଛି। ତେବେ ଏ ନେଇ ପ୍ରାଣୀ ବିଭାଗ ପାଖରେ କିଛି ତଥ୍ୟ ନାହିଁ। ଏହିଭଳି ୪ ମାସ ପୂର୍ବରୁ ରୋଗରେ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିଲେ ମଧ ପ୍ରାଣୀ ବିଭାଗ ତଥ୍ୟ ଲୁଚାଇ ରଖିଥିଲେ। କୁକୁଡ଼ା ଚାଷୀମାନେ ରାତାରାତ ମଲା କୁକୁଡ଼ାକୁ ଲୁଚାଇ କେଉଁଆଡେ ପୋତି ନଷ୍ଟ କରିଥିଲେ। ୨୦୧୮ରେ ବାର୍ଡ ଫ୍ଲୁ ରେ ପ୍ରାଣୀ ବିଭାଗ ଦ୍ୱାରା ଚିହ୍ନଟକରି ସମସ୍ତ କୁକୁଡ଼ାକୁ ମାରି ଦିଆଯାଇଥିଲା। ତେବେ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିଲା। ତେଣ ଏବେ ଚାଷୀମାନେ ବାଧ ହୋଇ ବାର୍ଡ ଫ୍ଲୁ କଥା ଲୁଚାଉଛନ୍ତି। କୃଷ୍ଣପ୍ରସାଦ ବ୍ଲକ୍‌ରେ କୁକୁଡ଼ା ମଡ଼କ ଲାଗିଥିବାବେଳେ ବିଭାଗୀୟ ଅଧିକାରୀ ରକ୍ତ ନମୁନା ସଂଗ୍ରହ ସହ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାରରେ ଓଡ଼ିଶାର ୩ ସହର

## ଆଜି ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

- ଆସ୍କା, ଚିକିଟିକୁ ରାଷ୍ଟ୍ରପତି ପୁରସ୍କାର
- ଭୁବନେଶ୍ୱରକୁ ମିନିଷ୍ଟ୍ରିଆଲ ପୁରସ୍କାର



ଭୁବନେଶ୍ୱର, ୧୬।୭(ଅନୁରାଧା ମହାରଣା)

ଜାତୀୟ ସ୍ୱଚ୍ଛ ସର୍ବେକ୍ଷଣରେ ଓଡ଼ିଶାର ୩ ସହର ସ୍ଥାନ ପାଇଛି। ସେଗୁଡିକ ହେଲା ଗଞ୍ଜାମ ଜିଲା ଆସ୍କା, ଚିକିଟି ଓ ଭୁବନେଶ୍ୱର। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜାତୀୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪–୨୫ ପୁରସ୍କାର ପ୍ରଦାନ କରିବେ। ସମାରୋହରେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଏବଂ ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱର ସର୍ବବୃହତ୍ ସହରାଞ୍ଚଳ ସ୍ୱଚ୍ଛତା ସର୍ଭେ 'ସ୍ୱଚ୍ଛ ସର୍ବେକ୍ଷଣ' ର ଏହା ୯ମ ସଂସ୍କରଣ। ଚଳିତବର୍ଷ ୪ଟି ବର୍ଗରେ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସୁପର ସ୍ୱଚ୍ଛ ଲିଗ୍ ସହର, ରାଷ୍ଟ୍ରପତି ପୁରସ୍କାର, ମିନିଷ୍ଟ୍ରିଆଲ(ସ୍ୱତନ୍ତ୍ର) ଓ ମିନିଷ୍ଟ୍ରିଆଲ(ରାଜ୍ୟସ୍ତରୀୟ)ବର୍ଗରେ ପୁରସ୍କାର ମିଳିବ। ଏହି କ୍ରମରେ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ଓଡ଼ିଶାର ଆସ୍କା ଓ ଚିକିଟି ଏବଂ ମିନିଷ୍ଟ୍ରିଆଲ ପୁରସ୍କାର (ରାଜ୍ୟସ୍ତରୀୟ) ପାଇଁ ଭୁବନେଶ୍ୱର ମନୋନୀତ ହୋଇଛି। ତେବେ ଚଳିତବର୍ଷ ସୁପର ସ୍ୱଚ୍ଛ ଲିଗ୍ କିମ୍ବା ମିନିଷ୍ଟ୍ରିଆଲ ପୁରସ୍କାର(ସ୍ୱତନ୍ତ୍ର) ବର୍ଗରେ ଓଡ଼ିଶାରୁ କୌଣସି ସହର ମନୋନୀତ ହୋଇନାହିଁ। ସୂଚନାଥାଉ କି, ପ୍ରଥମଥର ପାଇଁ ସହରଗୁଡ଼ିକୁ ଜନସଂଖ୍ୟା ଆଧାରରେ ପାଞ୍ଚଟି ବର୍ଗରେ ବର୍ଗୀକୃତ କରାଯାଇଛି। ୨୦ହଜାରରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରକୁ ଅତି ଛୋଟ ସହର, ୨୦ହଜାର– ୫୦ହଜାର ଜନସଂଖ୍ୟା ବିଶିଷ୍ଟ ସହରକୁ ଛୋଟ ସହର, ୫୦ହଜାର – ୩ ଲକ୍ଷ ଜନସଂଖ୍ୟା ଥିବା ସହରକୁ ମଧ୍ୟମ ସହର , ୩ – ୧୦ ଲକ୍ଷ ଜନସଂଖ୍ୟା ଥିବା ସହରକୁ ବଡ଼ ସହର ଏବଂ ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରକୁ ନିୟୁତ ପ୍ଲସ୍ ସହର ଭାବେ ବିବେଚନା କରାଯାଇଛି। ପ୍ରତ୍ୟେକ ବର୍ଗର ଆକାର ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ ପାରାମିଟର ବ୍ୟବହାର କରି ମୂଲ୍ୟାଙ୍କନ କରାଯାଇଛି।

# ସୁଲୋଚନା, ମୀରା, ଜୟା ପାଇଲେ 'ପରିପୂର୍ଣ୍ଣା ସମ୍ମାନ'




ସମାରୋହରେ ଅତିଥିଙ୍କ ଗହଣରେ 'ପରିପୂର୍ଣ୍ଣା' ସମ୍ମାନ ପାଇଥିବା ୩ ବ୍ୟକ୍ତିତ୍ୱ।

ଭୁବନେଶ୍ୱର, ୧୬।୭ (ସୌମ୍ୟରଞ୍ଜନ ରାଉତ)

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ୯ମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମାରୋହ 'ପରିପୂର୍ଣ୍ଣା' ଗୁରୁବାର ଭଞ୍ଜକଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ସାହିତ୍ୟିକା ପ୍ରଫେସର ଡ. ସୁଲୋଚନା ଦାଶ, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସ ଓ ଅଭିନେତ୍ରୀ ଜୟା ସ୍ୱାମୀଙ୍କୁ 'ପରିପୂର୍ଣ୍ଣା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ବିପଞ୍ଚି ଦାସଙ୍କ ନୂତନ ନୃତ୍ୟ ସଂରଚନା 'କୁବୁଜା'ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏକକ ପରିବେଷଣରେ ଏହି ନୃତ୍ୟ କୃଷ୍ଣଙ୍କ ଶାଶ୍ୱତ ଲୀଳାକୁ ସେ ବେଶ୍ ଜୀବନ୍ତ ଭାବେ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଦ୍ୱିତୀୟ ପରିବେଷଣରେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ତଥା ଆମେରିକାରୁ ଆସିଥିବା ଗୁରୁ ଜ୍ୟୋତି ରାଉତ ଓଡ଼ିଶୀ ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଶେଷ ପର୍ଯ୍ୟାୟରେ ଅନ୍ୟ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସ୍ତମ୍ଭକାର ରାକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ଡ. ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜି ସାଢ଼େ ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

## ବନକଲାଗି ନୀତି ହେବ

ପୁରୀ,୧୬।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ କୃଷ୍ଣପକ୍ଷ ସପ୍ତମୀ ତିଥି ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିଲାଗି ଅପରାହ୍ନ ୬ଟା ୩୦ରୁ ରାତି ୧୧ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଦଉମହାପାତ୍ର ସେବକମାନେ ଏହି ଗୁପ୍ତ ବନକଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦଉମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଉମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବ। ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପ୍ରଥମ ବନକଲାଗି ନୀତି ଅନୁଷ୍ଠିତ ହେବ।

# ଓଡ଼ିଶା ଗସ୍ତରେ ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟି

ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)

ଆସାମ ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ରାମେନ୍ଦ୍ର ନାରାୟଣ କାଲିଟାଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇଥିଲା। ଏଥିସହ ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଏବଂ ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପଦ୍ମଚରଣ ହାଇବୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଖିଳ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ମଙ୍ଗୁ ଖିଲ ପ୍ରମୁଖଙ୍କ ସହ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉଭୟ ରାଜ୍ୟରେ ପବ୍ଲିକ ଅଣ୍ଡରଟେକିଂ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣାଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ବୈଠକରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ. ଓଡ଼ିଶା ବିଧାନସଭାରେ ୪ଟି ଆର୍ଥିକ କମିଟି, ଆକାଉଣ୍ଟ କମିଟି, ଏଷ୍ଟିମେଟ କମିଟି, ପବ୍ଲିକ ଅଣ୍ଡରଟେକିଂ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନିଟିଜ କମିଟି ସମେତ ଆଡ୍‌ହକ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି।



ଓଡ଼ିଶା ବିଧାନସଭା ପରିସରରେ ଆସାମ ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟି ସଦସ୍ୟ।

# ବନାଞ୍ଚଳରେ ଲୋକଙ୍କୁ ଡିଜିଟାଲ ସେବା ଯୋଗାଉଛନ୍ତି ମଞ୍ଜୁଲତା




ନୂଆଦିଲ୍ଲୀରେ ସଫଳତାର କାହାଣୀ ବଖାଣିଲେ ମୟୂରଭଞ୍ଜ ଝିଅ

ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)

ଡିଜିଟାଲ ସଶକ୍ତୀକରଣକୁ ସାରା ଦେଶ ପ୍ରାଧାନ୍ୟ ଦେଉଛି। ଯୁବପିଢ଼ିଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଜିଟାଲ ଯୁଗ ସହିତ ଆଗକୁ ବଢ଼ୁଛନ୍ତି। କୌଣସି ସହର କି ଜନବସତି ଅଞ୍ଚଳରେ ନୁହେଁ, ବରଂ ଜଙ୍ଗଲ ଅଞ୍ଚଳରେ ଲୋକଙ୍କୁ ଡିଜିଟାଲ ସେବା ଯୋଗାଇ ଦେଉଛନ୍ତି ଜଣେ ମହିଳା। ବଣ ଜଙ୍ଗଲଘେରା ମୟୂରଭଞ୍ଜ ଜିଲାରେ ଗୋଟିଏ ଜନସେବା କେନ୍ଦ୍ର (ସିଏସ୍‌ସି) ଖୋଲିଛନ୍ତି ମଞ୍ଜୁଲତା ଦେବୀ। ଜନସେବା କେନ୍ଦ୍ର ମାଧ୍ୟମରେ ସେ ଆଖପାଖ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚିବା ସହ ସେମାନଙ୍କୁ ଡିଜିଟାଲ ଯୁଗ ସହ ଯୋଡିପାରିଛନ୍ତି। ତାଙ୍କର ଏଭଳି ଅଭିନବ କାର୍ଯ୍ୟ ପାଇଁ ସେ ସମଗ୍ର ସମାଜ ପାଇଁ ଏବେ ଉଦାହରଣ ପାଲଟିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଜନସେବା କେନ୍ଦ୍ର ଦିବସ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ମଞ୍ଜୁଲତା ତାଙ୍କ ସଫଳତାର କାହାଣୀ ବିଷୟରେ କହିଛନ୍ତି।

ସେ କହିଛନ୍ତି, ପ୍ରଥମେ ମୁଁ ଜଣେ ଗୃହିଣୀ ଥିଲି। ଏବେ ଜନସେବା କେନ୍ଦ୍ରରେ କାମ କରି ବହୁତ ଖୁସିରେ ଅଛି। ସମସ୍ତ ପ୍ରକାର ସରକାରୀ ସୁବିଧା ମୁଁ ସ୍ଥାନୀୟ ଲୋକଙ୍କ ଘର ପାଖରେ ପହଞ୍ଚାଇ ପାରୁଛି। ଘରକୁଘର ବୁଲି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଗର୍ଭବତୀ ମା'ମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେଉଛି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ଧନ୍ୟବାଦ ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜିଲା ମୟୂରଭଞ୍ଜର ଆଉ ଜଣେ ସଶକ୍ତ ମହିଳା ମଞ୍ଜୁଲତାଙ୍କ ପାଇଁ ଅନେକ ଚାଷୀ ନୂତନ ଜ୍ଞାନକୌଶଳର ଲାଭ ପାଇପାରୁଛନ୍ତି। ଅତି କଠିନ ପରିସ୍ଥିତି ସତ୍ତ୍ୱେ ସେ ଡିଜିଟାଲ ଦକ୍ଷତା ଅର୍ଜନ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ମଧ ସଶକ୍ତ କରିପାରୁଛନ୍ତି।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ମାମଲା

# ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ

- ଭାଜପା ସରକାର ସୌମ୍ୟାଶ୍ରୀଙ୍କୁ ହତ୍ୟା କରିଛି: ଅଲକା ଲାମ୍ବା
- ଏସ୍‌ସିବିରେ ବିଜେଡି ପ୍ରତିନିଧିଦଳ
- ଚିକିତ୍ସାକୁ ନେଇ ଅସନ୍ତୋଷ ପ୍ରକାଶ କଲେ ପରିବାର ଲୋକେ



ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମେଡିକାଲରେ ଜ୍ୟୋତିପ୍ରକାଶଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି।

କଟକ,୧୬।୭(ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଆହତ ହୋଇଥିବା ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗ ବର୍ନ ୟୁନିଟ୍ ଆଇସିୟୁରେ ଏବେ ତାଙ୍କର ଚିକିତ୍ସା ଜାରି ରହିଛି। ୭ରୁ ୧୦ଦିନ ମଧ୍ୟରେ ଜ୍ୟୋତିପ୍ରକାଶ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ସରକାରଙ୍କ ନଜର ଆଢୁଆଳରେ ରହି ଯାଇଛନ୍ତି ଜ୍ୟୋତିପ୍ରକାଶ। ଏହାକୁ ନେଇ ଜ୍ୟୋତିଙ୍କ ବାପା ସନାତନ ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜ୍ୟୋତିଙ୍କ ବାପା ସନାତନ କହିଛନ୍ତି, ପୁଅକୁ ଉନ୍ନତ ଚିକିତ୍ସା କରାଇବା ପାଇଁ ଏସ୍‌ସିବି ଆଣିଛି। ଏଠାରେ ଚିକିତ୍ସା ଚାଲିଛି ହେଲେ ସରକାର ଏଥିପ୍ରତି ଗୁରୁତ୍ୱ ଦେଲେ ଚିକିତ୍ସା ଅଧିକ ଉନ୍ନତମାନର ହୋଇପାରନ୍ତା। କିଛି ସହାୟତା ପ୍ରଦାନ କଲେ ଆମେ ଉପକୃତ ହୋଇପାରନ୍ତୁ ବୋଲି ସେ କହିଛନ୍ତି। ଖବର ପାଇ ବୁଧବାର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏସ୍‌ସିବି ଯାଇ ଜ୍ୟୋତିପ୍ରକାଶଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ ମା'ବାପାଙ୍କୁ ଭେଟି ସୁବିଧା ଅସୁବିଧା ବିଷୟରେ ପଚାରିବୁଝିଛନ୍ତି। ଡାକ୍ତରୀ ଦଳ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରି ଯେପରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ସେ ଦିଗରେ ମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଛନ୍ତି। କଟକ ଜିଲା ଭାଜପାର ପ୍ରତିନିଧି ମଣ୍ଡଳୀ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ପୂର୍ବତନ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ପହଞ୍ଚି ଜ୍ୟୋତିପ୍ରକାଶଙ୍କ ପରିବାର ଲୋକଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପହଞ୍ଚି ପରିବାର ଲୋକଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରିବୁଝିଥିଲେ। ସନ୍ଧ୍ୟାରେ ବାରବାଟୀ–କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମେଡିକାଲରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ତାଙ୍କ ପରିବାରକୁ ଆର୍ଥିକ ସହାୟତା ହାତ ବଢ଼ାଇଛନ୍ତି। ଏହାସହ ଡାକ୍ତରୀ ଟିମ୍ ସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି। ଅଲକା ଲାମ୍ବା କହିଛନ୍ତି, ପୂରା କଂଗ୍ରେସ ପରିବାର ମୃତା ଛାତ୍ରୀ ଓ ଜ୍ୟୋତିପ୍ରକାଶଙ୍କ ସହ ରହିଛି ଏବଂ ମୃତା ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିବ। ଜଣେ ଛାତ୍ରୀ ସୁରକ୍ଷା ପାଇଁ ଚିତ୍କାର କରୁଥିଲେ, ହେଲେ ଭାଜପା ସରକାର ଏହି ଚିତ୍କାର ଶୁଣିପାରିଲା ନାହିଁ। ଭାଜପା ସରକାର ସୌମ୍ୟାଶ୍ରୀଙ୍କୁ ହତ୍ୟା କରିଛି। ଏବେ ଜ୍ୟୋତିପ୍ରକାଶଙ୍କ କ୍ଷେତ୍ରରେ ମଧ୍ୟ ସେପରି କରାଯାଉଛି। ମୃତା ଛାତ୍ରୀଙ୍କୁ ସୁରକ୍ଷା ଦେବାକୁ ଆଗେଇ ଥିବା ଜ୍ୟୋତିଙ୍କୁ ଏବେ ସରକାର ଅଣଦେଖା କରୁଛନ୍ତି। ଗୁରୁବାର ଯେଉଁ ବନ୍ଦ ଡାକରା ଦିଆଯାଇଛି ତାହା ତୀବ୍ର ରୂପ ନେବ ବୋଲି ଲାମ୍ବା କହିଛନ୍ତି। ଅନ୍ୟପଟେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ମେଡିକାଲରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କ ପରିବାରକୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିରେ ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ସୋଭିକ ବିଶାଳ, ପ୍ରଫୁଲ୍ଲ ସିଂ, ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୁତୋଷ



@ ତାପସ



@ ଶଶୀକାନ୍ତ



@ ଦୀପାଳି



@ ମୃତ୍ୟୁଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ସିଡିପିଓ, ପିଓ, ଏଡିଏସ୍‌ଡବ୍ଲ୍ୟୁଓଙ୍କ ପଦୋନ୍ନତି

ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୭ଜଣ ସିଡିପିଓ, ପିଓ ଏବଂ ଏଡିଏସ୍‌ଡବ୍ଲ୍ୟୁଙ୍କୁ ଜିଲା ସମାଜ କଲ୍ୟାଣ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଛି। ଏହି ପଦୋନ୍ନତି ସହ ନୂଆ ସ୍ଥାନରେ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, କଳାହାଣ୍ଡି ଜିଲାର ପିଓ କମ୍ ପିଓ ପଦବୀରେ ଥିବା ସୁଚରିତା ମହାପାତ୍ରଙ୍କୁ ପଦୋନ୍ନତି ଦିଆଯାଇ ସେହି ଜିଲାର ସମାଜ ମଙ୍ଗଳ ଅଧିକାରୀଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମୟୂରଭଞ୍ଜ ଜିଲା ଜାମଦାର ସିଡିପିଓ ଜ୍ୟୋତିରେଖା ଦତ୍ତଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀଭାବେ ପଦୋନ୍ନତି ଦିଆଯାଇ ଅନୁଗୋଳ ଜିଲାରେ ଅବସ୍ଥାପିତ କରାଯାଇଥିବାବେଳେ ବରଗଡ ଜିଲା ଅମ୍ବାଭୋନା ସିଡିପିଓ ଜୟନ୍ତୀ ଗରଟିଆଙ୍କୁ ସମ୍ବଲପୁର, ନବରଙ୍ଗପୁର ପାପଡାହାଣ୍ଡିର ସିଡିପିଓ ଏସ୍ ଗୀତାଙ୍କୁ ବଲାଙ୍ଗୀର, ବାଲେଶ୍ୱର ବାଲିଆପାଳର ସିଡିପିଓ ପାର୍ବତୀ ସୋରେନଙ୍କୁ ଗଞ୍ଜାମ, ବରଗଡ ଭେଡେନର ଅଲଫୋନ୍ସା ଟେଟେଙ୍କୁ ସୁନ୍ଦରଗଡର ଜିଲା ସମାଜମଙ୍ଗଳ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଏଡିଏସ୍‌ଡବ୍ଲ୍ୟୁଓ ସୁଷମା ମହାନ୍ତିଙ୍କୁ ପଦୋନ୍ନତି ଦିଆଯାଇ କେନ୍ଦ୍ରାପଡାର ଡିଏସ୍‌ଡବ୍ଲ୍ୟୁଓ ଭାବେ ନିଯୁକ୍ତି ଦିଆଯାଇଛି।

